## ମହିଳା ଏବଂ ଶିଶୁ ବିକାଶ ବିଭାଗ

## ଅଧ୍ୟାୟ 3: ରାଜ୍ୟରେ କର୍ମଜୀବୀ ମହିଳା ହଷ୍ଟେଲଗୁଡ଼ିକର କାର୍ଯ୍ୟକାରିତା

### 3.1 ଉପକ୍ରମ

ଦେଶର ସାମାଜିକ, ଅର୍ଥନୈତିକ ଢାଞ୍ଚାରେ ପ୍ରଗତିଶୀଳ ପରିବର୍ତ୍ତନ ଏବଂ କନ୍ୟା ସନ୍ତାନର ସାକ୍ଷରତା ଅନୁପାତରେ ବୃଦ୍ଧି ସହିତ ଚାକିରୀ ଖୋଜୁଥିବା ମହିଳାଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି । ଏହାଦ୍ୱାରା ଗ୍ରାମାଞ୍ଚଳର ଶ୍ରମଜୀବୀ ସହରାଞ୍ଚଳକୁ ଓ ସହରାଞ୍ଚଳ ଶ୍ରମଜୀବୀ ଗ୍ରାମାଞ୍ଚଳକୁ ଯିବାର ମାତ୍ରା ବୃଦ୍ଧି ପାଇଛି ଏବଂ ଏହାଦ୍ୱାରା ଘର ଠାରୁ ଦୂରରେ ରହୁଥିବା ମହିଳାମାନଙ୍କ ପାଇଁ ନିରାପଦ, ସୁବିଧାଜନକ ତଥା ସୁଲଭ ଅନୁଷ୍ଠାନିକ ଆବାସ ପାଇଁ ଏକ ବର୍ଦ୍ଧିତ ଆବଶ୍ୟକତା ସୃଷ୍ଟି ହୋଇଛି । ଜାତୀୟ ନମୁନା ସର୍ବେକ୍ଷଣର ପର୍ଯ୍ୟାୟ ଶ୍ରମ ଶକ୍ତି ସମ୍ପର୍କିତ, 2017-18 ର ରିପୋର୍ଟ ଅନୁଯାୟୀ, ଓଡ଼ିଶାର ଗ୍ରାମାଞ୍ଚଳରେ ନିୟମିତ ମହିଳା ଶ୍ରମଜୀବୀ 2011-12 ରେ 3.3 ପ୍ରତିଶତରୁ 2017-18 ରେ 9.5 ପ୍ରତିଶତକୁ ବୃଦ୍ଧି ପାଇଛନ୍ତି । ସହରାଞ୍ଚଳରେ ଏହା 2011-12 ରେ 27.1 ପ୍ରତିଶତରୁ 2017-18 ରେ 46.5 ପ୍ରତିଶତକୁ ବୃଦ୍ଧି ପାଇଛି ।

ଭାରତ ସରକାର (ଜିଓଆଇ) "କର୍ମଜୀବୀ ମହିଳା ହଷ୍ଟେଲ ପାଇଁ ଯୋଜନା" ପ୍ରଣୟନ କରିଥିଲେ ଏବଂ 1972-73 ମସିହାରେ ସହରାଞ୍ଚଳ, ଅର୍ଦ୍ଧ ସହରାଞ୍ଚଳରେ କିମ୍ବା ଗ୍ରାମାଞ୍ଚଳଗୁଡ଼ିକରେ କାର୍ଯ୍ୟରତ ମହିଳାମାନଙ୍କ ପାଇଁ ନିରାପଦ ତଥା ସୁବିଧାଜନକ ଆବାସର ଉପଲବ୍ଧତାକୁ ପ୍ରୋତ୍ସାହିତ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ । ଏହି ଯୋଜନା ଅଧିନରେ ଜିଓଆଇ ନୂତନ କର୍ମଜୀବୀ ମହିଳା ହଷ୍ଟେଲ (ଡବ୍ଲୁଡବ୍ଲୁଏଚ୍) ନିର୍ମାଣ କିମ୍ବା ବିଦ୍ୟମାନ ହଷ୍ଟେଲର ସମ୍ପ୍ରସାରଣ ପାଇଁ ରାଜ୍ୟମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲା । ଏହି ଯୋଜନା ପାଇଁ ଜିଓଆଇ 2017 ରେ ସଂଶୋଧିତ ନିର୍ଦ୍ଦେଶାବଳୀ ଜାରି କରିଥିଲେ । 2017 ର ମାର୍ଗଦର୍ଶିକା ଅନୁଯାୟୀ, ନିର୍ମାଣ ପାଇଁ ପ୍ରକଳ୍ପ ମୂଲ୍ୟର 60 ପ୍ରତିଶତ ଜିଓଆଇ ବହନ କରିବାକୁ ଥିବାବେଳେ ରାଜ୍ୟ ସରକାର ଏବଂ କାର୍ଯ୍ୟକାରୀ ସଂସ୍ଥା (ଯଥା-ନଗରପାଳିକା କିମ୍ବା ଉନ୍ନୟନ କର୍ତ୍ତୃପକ୍ଷ) ଖର୍ଚ୍ଚର ଯଥାକ୍ରମେ 15 ଏବଂ 25 ପ୍ରତିଶତ ବହନ କରିବେ । ଏହା ବ୍ୟତୀତ ଆସବାବପତ୍ର ଏବଂ ସାଜସଜାର ମୂଲ୍ୟକୁ ଜିଓଆଇ ଏବଂ ରାଜ୍ୟ ସରକାର 60:40 ଅନୁପାତରେ ବାଣ୍ଟିବାକୁ ପଡ଼ିବ । ଅଧିକନ୍ତୁ, ଅନ୍ତେବାସୀଙ୍କ ଠାରୁ ପ୍ରାପ୍ତ ଭଡ଼ା ବିଲ୍ଡିଂର ରକ୍ଷଣାବେକ୍ଷଣ, ଗୃହ ରକ୍ଷଣାବେକ୍ଷଣ, ସୁରକ୍ଷା ସେବା, କାର୍ଯ୍ୟାଳୟ ପ୍ରତିଷ୍ଠା, ଜଳ ଏବଂ ବିଦ୍ୟୁତ୍ ଭଡ଼ା ଏବଂ ଅନ୍ୟାନ୍ୟ ସହାୟତା ସେବା ପାଇଁ ବ୍ୟବହାର କରାଯିବ ।

ମହିଳା ଏବଂ ଶିଶୁ ବିକାଶ (ଡବ୍ଲୁଆଣ୍ଡସିଡି) ବିଭାଗ ମାଧମରେ ଜିଓଓ ମଧ ସମୟ ସମୟରେ ନିଜସ୍ୱ ଉତ୍ସରୁ ଡବ୍ଲୁଡ଼ବ୍ଲୁଏଚ୍ ନିର୍ମାଣ କରିଥିଲା । ଅଡିଟ୍ ନିରୀକ୍ଷଣ କଲା ଯେ ସରକାର ଚଳାଉଥିବା ଡବ୍ଲୁଡବ୍ଲୁଏଚ୍ ଗୁଡିକ 1970 ଦଶକରୁ ବିଦ୍ୟମାନ ଥିବା ସତ୍ତ୍ୱେ, ଡବ୍ଲୁଆଣ୍ଡସିଡି ବିଭାଗ ମାର୍ଚ୍ଚ 2021 ସୁଦ୍ଧା ଡବ୍ଲୁଡବ୍ଲୁଏଚ୍ ଗୁଡ଼ିକର କାର୍ଯ୍ୟ ଏବଂ ପରିଚାଳନା ପାଇଁ ବିଳମ୍ବରେ ମାର୍ଗଦର୍ଶିକା ଜାରି କରିଥିଲା ।

31 ମାର୍ଚ୍ଚ 2021 ସୁଦ୍ଧା ଓଡ଼ିଶାରେ 2,622 ର ମିଳିତ ଶଯ୍ୟା କ୍ଷମତା ସହିତ 36 ଟି ଡବ୍ଲୁଡବ୍ଲୁଏଚ୍ ରହିଥିଲା । ଏଥିମଧ୍ୟରୁ କେବଳ 12 ଡବ୍ଲୁଡବ୍ଲୁଏଚ୍ କାର୍ଯ୍ୟକ୍ଷମ ଥିଲା, ଯାହା ***ପରିଶିଷ୍ଟ 3.1*** ରେ ଦର୍ଶାଯାଇଛି । ଓଡ଼ିଶାରେ ଡବ୍ଲୁଡବ୍ଲୁଏଚ୍ ର କାର୍ଯ୍ୟକାରିତାର ସ୍ଥିତି **ସାରଣୀ 3.1** ରେ ସଂକ୍ଷିପ୍ତ ଭାବରେ ବର୍ଣ୍ଣନା କରାଯାଇଛି :

***ସାରଣୀ 3.1: ମାର୍ଚ୍ଚ 2021 ସୁଦ୍ଧା ଓଡ଼ିଶାରେ ଡବ୍ଲୁଡବ୍ଲୁଏଚ୍ ର ସ୍ଥିତି***

| ସ୍ଥିତି | ଡବ୍ଲୁଡବ୍ଲୁଏଚ୍ ସଂଖ୍ୟା | ଶଯ୍ୟା କ୍ଷମତା |
|---|---|---|
| କାର୍ଯ୍ୟକ୍ଷମ | 12 | 859 |
| ଅଣ-କାର୍ଯ୍ୟକ୍ଷମ | 6 | 517 |
| ଅସମ୍ପୂର୍ଣ୍ଣ | 7 | 493 |
| ନିର୍ମାଣ ଆରମ୍ଭ ହୋଇନାହିଁ | 3 | 250 |
| ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହୃତ | 8 | 503 |
| **ମୋଟ** | **36** | **2,622** |

***(ଉତ୍ସ: ଡବ୍ଲୁଆଣ୍ଡସିଡି ବିଭାଗ, ଆଇଡିସିଓ/ ଡିଏସ୍ଡବ୍ଲୁଓ[1] ଦ୍ୱାରା ପ୍ରଦତ୍ତ ସୂଚନା)***

ଉପରୋକ୍ତ ସାରଣୀରୁ ଦେଖାଗଲା ଯେ, ରାଜ୍ୟରେ ଥିବା 36 ଡବ୍ଲୁଡବ୍ଲୁଏଚ୍ ର କେବଳ ଏକ ତୃତୀୟାଂଶ କାର୍ଯ୍ୟକ୍ଷମ ଥିଲା ଏବଂ କାର୍ଯ୍ୟରତ ମହିଳାମାନଙ୍କ ରହିବା ପାଇଁ 2,622 ର ଏକ ନିର୍ଦ୍ଧାରିତ ଶଯ୍ୟା କ୍ଷମତା ବିପକ୍ଷରେ ଉଦ୍ଦିଷ୍ଟ ହିତାଧିକାରୀଙ୍କ ପାଇଁ କେବଳ 859 (32.76 ପ୍ରତିଶତ) ଉପଲବ୍ଧ ଥିଲା । ସାତଟି ଡବ୍ଲୁଡବ୍ଲୁଏଚ୍‌ର ନିର୍ମାଣ 1999 ଠାରୁ 2021 ପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ରହିଥିଲା ।

ଡବ୍ଲୁଡବ୍ଲୁଏଚ୍‌ର ପରିଚାଳନା ଡବ୍ଲୁଆଣ୍ଡସିଡି ବିଭାଗର ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସରକାର/ ଏହାର ଅଧିନସ୍ଥ ସଂସ୍ଥା କିମ୍ବା ଏନ୍‌ଜିଓ ଉପରେ ନ୍ୟସ୍ତ । ଡବ୍ଲୁଡବ୍ଲୁଏଚ୍‌ର ପରିଚାଳନା ମଧ୍ୟରେ ଉଭୟ ରହିବା ବିଷୟ ଏବଂ ଡବ୍ଲୁଡବ୍ଲୁଏଚ୍ ବିଲ୍ଡିଂ/ ପରିସରର ରକ୍ଷଣାବେକ୍ଷଣ/ ମରାମତି ଅନ୍ତର୍ଭୁକ୍ତ । ଏହିପରି, ଉଭୟ କାର୍ଯ୍ୟକ୍ଷମ ଏବଂ ଅଣ-କାର୍ଯ୍ୟକ୍ଷମ ଡବ୍ଲୁଡବ୍ଲୁଏଚ୍ ଗୁଡ଼ିକ ପରିଚାଳନା ଆବଶ୍ୟକ କରନ୍ତି । 36 ଡବ୍ଲୁଡବ୍ଲୁଏଚ୍ ମଧ୍ୟରୁ 18 ଟି ଡବ୍ଲୁଡବ୍ଲୁଏଚ୍ ରାଜ୍ୟ ସରକାର କିମ୍ବା ଏହାର ଅଧିନସ୍ଥ ସଂସ୍ଥା[2] ଦ୍ୱାରା ପରିଚାଳିତ ହୋଇଥିବା ବେଳେ 11 ଡବ୍ଲୁଡବ୍ଲୁଏଚ୍ ଏନ୍‌ଜିଓ ଦ୍ୱାରା ପରିଚାଳିତ ହୋଇଥିଲା । ଅବଶିଷ୍ଟ ସାତଟି ଡବ୍ଲୁଡବ୍ଲୁଏଚ୍[3] କ୍ଷେତ୍ରରେ, ଏହି ହଷ୍ଟେଲଗୁଡ଼ିକ ଅଣ-କାର୍ଯ୍ୟକ୍ଷମ, ଅସମ୍ପୂର୍ଣ୍ଣ କିମ୍ବା ଅନ୍ୟାନ୍ୟ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥବା ହେତୁ ପରିଚାଳନା ଏଜେନ୍ସିଗୁଡ଼ିକ ଚୂଡ଼ାନ୍ତ ହୋଇନଥିଲା ।

ଡବ୍ଲୁଡବ୍ଲୁଏଚ୍ ଯୋଜନା ଅନୁଯାୟୀ, ମାସିକ ମୋଟ ଆୟ 35,000 ଟଙ୍କାରୁ ଅଧିକ ହୋଇନଥିବା କର୍ମଜୀବୀ ମହିଳାମାନେ ଡବ୍ଲୁଡବ୍ଲୁଏଚ୍ ରେ ରହିବାକୁ ଯୋଗ୍ୟ ଅଟନ୍ତି । 18 ବର୍ଷ ବୟସ ପର୍ଯ୍ୟନ୍ତ ଏକ ବାଳିକା ଏବଂ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଏକ ବାଳକ ଡବ୍ଲୁଡବ୍ଲୁଏଚ୍‌ରେ ସେମାନଙ୍କର କାର୍ଯ୍ୟରତ ମା'ମାନଙ୍କ ସହିତ ରହିପାରିବ । କୌଣସି କାର୍ଯ୍ୟରତ ମହିଳାଙ୍କୁ ଡବ୍ଲୁଡବ୍ଲୁଏଚ୍‌ରେ ତିନି ବର୍ଷରୁ ଅଧିକ ସମୟ ରହିବାକୁ ଅନୁମତି ନାହିଁ ।

ଡବ୍ଲୁଡବ୍ଲୁଏଚ୍‌ର ଉପଲବ୍ଧତା ଏବଂ କାର୍ଯ୍ୟକାରିତା ଏବଂ ସୁଲଭ ମୂଲ୍ୟରେ ପ୍ରଦାନ କରାଯାଉଥିବା ଆବାସର ଗୁଣବତ୍ତା ଆକଳନ କରିବାକୁ, ଜୁଲାଇରୁ ଅକ୍ଟୋବର 2021 ମଧ୍ୟରେ 2016-17 ରୁ 2020-21 ଅବଧିକୁ ପରିସରଭୁକ୍ତ କରି ଅଡିଟ୍ କରାଯାଇଥିଲା । ଅଡିଟ୍, ଜିଓଓ ର ଡବ୍ଲୁଆଣ୍ଡସିଡି ବିଭାଗରେ ଏବଂ ସାତଟି ନମୁନା ଜିଲ୍ଲାରେ[4] ରେକର୍ଡଗୁଡ଼ିକ ପରୀକ୍ଷା-ଯାଞ୍ଚ କରିଥିଲେ । ରାଜ୍ୟର 30 ଟି ଜିଲ୍ଲା ମଧ୍ୟରୁ ସମ୍ପୃକ୍ତ ଅଞ୍ଚଳରେ କାର୍ଯ୍ୟକ୍ଷମ, ଅଣ-କାର୍ଯ୍ୟକ୍ଷମ ଏବଂ ନିର୍ମାଣାଧୀନ ଡବ୍ଲୁଡବ୍ଲୁଏଚ୍ ଗୁଡ଼ିକର ଅସ୍ତିତ୍ୱକୁ ବିଚାରକୁ ନେଇ ବିଚାର ଭିତ୍ତିରେ ନମୁନା ଜିଲ୍ଲା ଚୟନ କରାଯାଇଥିଲା । ଅଡିଟ୍ 34 ଡବ୍ଲୁଡବ୍ଲୁଏଚ୍‌ର[5] ମିଳିତ ଭୌତିକ ଯାଞ୍ଚ (ଜେପିଆଇ) ମଧ୍ୟ କରିଥିଲା । ଅଡିଟ୍ ଫଳାଫଳଗୁଡ଼ିକ ସରକାରଙ୍କ ନିକଟକୁ ପ୍ରେରଣ କରାଯାଇଛି (ଜାନୁଆରୀ 2022), ଉତ୍ତରଗୁଡ଼ିକୁ ଅପେକ୍ଷା କରାଯାଇଛି ।

---

1 ଇଡ୍‌କୋ: ଓଡ଼ିଶାର ଭିତ୍ତିଭୂମି ବିକାଶ ନିଗମ (ଏକ ରାଜ୍ୟ ପବ୍ଲିକ୍ ସେକ୍ଟର ଅଣ୍ଡରଟେକିଙ୍ଗ୍), ଡିଏସ୍ଡବ୍ଲୁଓ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ

2 ରାଜ୍ୟ ସାମାଜିକ କଲ୍ୟାଣ ବୋର୍ଡ, ଓଡ଼ିଶା/ ମ୍ୟୁନିସିପାଲିଟି କର୍ପୋରେସନ/ ମ୍ୟୁନିସିପାଲିଟି

3 ଅଣ କାର୍ଯ୍ୟକ୍ଷମ:3, ଆରମ୍ଭ ହୋଇନାହିଁ:2, ଅସମ୍ପୂର୍ଣ୍ଣ:2

4 କଟକ, ଢେଙ୍କାନାଳ, ଗଞ୍ଜାମ, ଖୋର୍ଦ୍ଧା, ମୟୁରଭଞ୍ଜ, ପୁରୀ ଓ ସୁନ୍ଦରଗଡ଼

5 ଜିଓଆଇ ଅନୁଦାନ ପ୍ରାପ୍ତ (26): କାର୍ଯ୍ୟକ୍ଷମ: 11, ଅଣ-କାର୍ଯ୍ୟକ୍ଷମ: 2, ଅନ୍ୟ ଉଦ୍ଦେଶ୍ୟ: 7, ଅସଂମ୍ପୂର୍ଣ୍ଣ: 6 ଏବଂ ଜିଓଓ ଅନୁଦାନ ପ୍ରାପ୍ତ (8): କାର୍ଯ୍ୟକ୍ଷମ: 1, ଅଣ କାର୍ଯ୍ୟକ୍ଷମ: 4, ଅନ୍ୟ ଉଦ୍ଦେଶ୍ୟ: 1 ଏବଂ ଅସମ୍ପୂର୍ଣ୍ଣ: 2

ଅଡିଟ୍ ଉପରେ ଆଧାରିତ ଫଳାଫଳଗୁଡ଼ିକ ନିମ୍ନ ଅନୁଚ୍ଛେଦରେ ଆଲୋଚନା କରାଯାଇଛି:

**ଅଡିଟ୍ ଫଳାଫଳ**

## 3.2 ଡବ୍ଲୁଡବ୍ଲୁଏଚ୍‌ର ଉପଲବ୍ଧତା

ଉପରୋକ୍ତ ମନ୍ତବ୍ୟ ଅନୁଯାୟୀ, ରାଜ୍ୟରେ 12 ଟି କାର୍ଯ୍ୟକ୍ଷମ ଡବ୍ଲୁଡବ୍ଲୁଏଚ୍ (ଜାନୁଆରୀ 2022) ରହିଥିଲା ଏବଂ 2016-21 ମଧ୍ୟରେ ଜିଓଓ ଆଠଟି ନୂତନ ଡବ୍ଲୁଡବ୍ଲୁଏଚ୍ ନିର୍ମାଣ ପାଇଁ ଯୋଜନା କରିଥିଲା । ଅଡିଟ୍ କାର୍ଯ୍ୟକ୍ଷମ ହଷ୍ଟେଲଗୁଡ଼ିକରେ ଦଖଲ ହାର ସହିତ ନୂତନ ଯୋଜନାରେ ହୋଇଥିବା ଆଠଟି ଡବ୍ଲୁଡବ୍ଲୁଏଚ୍‌ର ସ୍ଥିତି ସହିତ ଡବ୍ଲୁଡବ୍ଲୁଏଚ୍‌ର ଉପଲବ୍ଧତାକୁ ଯାଞ୍ଚ କଲା ଏବଂ ନିମ୍ନ ବିଷୟଗୁଡ଼ିକ ଲକ୍ଷ୍ୟ କରିଥିଲା:

### *3.2.1 ଜିଓଓ ଦ୍ୱାରା ନୂତନ ଡବ୍ଲୁଡବ୍ଲୁଏଚ୍‌ର ନିର୍ମାଣ*

ବାଳିକା ଏବଂ ମହିଳାଙ୍କ ପାଇଁ ଓଡ଼ିଶା ରାଜ୍ୟ ନୀତି 2014 ରେ ଥିବା ନିୟମାବଳୀ ଅନୁଯାୟୀ, ଡବ୍ଲୁଆଣ୍ଡସିଡି ଆଠଟି ନୂତନ ଡବ୍ଲୁଡବ୍ଲୁଏଚ୍[6] ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଥିଲେ (ଫେବୃଆରୀ 2014 ଏବଂ ସେପ୍ଟେମ୍ବର 2016), ଯାହା ସେମାନଙ୍କୁ ଘରଠାରୁ ଦୂରରେ ଆନୁଷ୍ଠାନିକ କ୍ଷେତ୍ରରେ କାର୍ଯ୍ୟ କରିବାକୁ ଉତ୍ସାହିତ କରିବ । ହଷ୍ଟେଲଗୁଡ଼ିକ ପାଇଁ ମନୋନୀତ କ୍ଷେତ୍ରଗୁଡ଼ିକ ଶିଳ୍ପାୟନ କ୍ଷେତ୍ର ଏବଂ ଦ୍ରୁତ ସହରୀକରଣ କ୍ଷେତ୍ର ଥିଲା ଯେଉଁଠାରେ ମହିଳାମାନଙ୍କ ପାଇଁ ଯଥେଷ୍ଟ ନିଯୁକ୍ତି ସୁଯୋଗ ରହିଥିଲା ଏବଂ ଘର ଠାରୁ ଦୂରରେ କାର୍ଯ୍ୟ କରୁଥିବା ମହଳାମାନଙ୍କ ପାଇଁ ନିରାପଦ ରହିବା ସ୍ଥାନ ଆବଶ୍ୟକ ଥିଲା । ତଦନୁସାରେ, ଓଡ଼ିଶା ସରକାରଙ୍କ ଡବ୍ଲୁଆଣ୍ଡସିଡି ବିଭାଗ ଅଧିନସ୍ଥ ମହିଳା ବିକାଶ ସମବାୟ ନିଗମ (ଏମ୍‌ଭିଏସ୍‌ଏନ୍) ସଂସ୍ଥାକୁ କାର୍ଯ୍ୟ ସମ୍ପାଦନ ନିମନ୍ତେ 44.19 କୋଟି ଟଙ୍କା ପ୍ରଦାନ କରିଥିଲେ (ଫେବୃଆରୀ 2014 ରୁ ନଭେମ୍ବର 2020 ମଧ୍ୟରେ) । ଏହା ପରେ ଏମ୍‌ଭିଏସ୍‌ଏନ୍, ନିର୍ବାହକାରୀ ସଂସ୍ଥାକୁ[7] 30.82 କୋଟି ଟଙ୍କା ପ୍ରଦାନ କରିଥିଲେ (ମଇ 2014 ରୁ ସେପ୍ଟେମ୍ବର 2020 ମଧ୍ୟରେ) । ଆଠଟି ଡବ୍ଲୁଡବ୍ଲୁଏଚ୍ ନିର୍ମାଣର ସ୍ଥିତି ନିମ୍ନରେ **ସାରଣୀ 3.2** ରେ ସୂଚିତ କରାଯାଇଛି:

***ସାରଣୀ 3.2: ନଭେମ୍ବର 2021 ସୁଦ୍ଧା ଡବ୍ଲୁଡବ୍ଲୁଏଚ୍ ଗୁଡ଼ିକର ନିର୍ମାଣ ସ୍ଥିତି***

| କ୍ରମିକ ସଂଖ୍ୟା | ଡବ୍ଲୁଡବ୍ଲୁଏଚ୍‌ର ଅବସ୍ଥାନ | ଖର୍ଚ୍ଚ (କୋଟି ଟଙ୍କାରେ) | ସମାପ୍ତିର ଧାର୍ଯ୍ୟ ତାରିଖ | ନଭେମ୍ବର 2021 ସୁଦ୍ଧା ସ୍ଥିତି | ସମାପ୍ତିରେ ବିଳମ୍ବ ସମୟ | ଟିପ୍ପଣୀ |
|---|---|---|---|---|---|---|
| 1 | ରାଉରକେଲା | 3.71 | 16-02-2019 | 14.11.2019 ରେ ସମ୍ପୂର୍ଣ୍ଣ | ସାତ ମାସ | ହଷ୍ଟେଲକୁ ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରାଯାଇ ନଥିଲା ଏବଂ ଏହାକୁ କୋଭିଡ୍ କେନ୍ଦ୍ର ଭାବରେ ବ୍ୟବହାର କରାଯାଉଥିଲା |
| 2 | ଯାଜପୁର | 3.96 | 30-04-2019 | 30.09.2020 ରେ ସମ୍ପୂର୍ଣ୍ଣ | 16 ମାସ | ହସ୍ତାନ୍ତର କରାଯାଇ ନାହିଁ ଏବଂ କାର୍ଯ୍ୟକ୍ଷମ ନୁହେଁ |
| 3 | ଝାରସୁଗୁଡ଼ା | 3.49 | 09-02-2019 | 06.03.2021 ରେ ସମ୍ପୂର୍ଣ୍ଣ | 12 ମାସ | 03.06.21 ରେ ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର । ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ |
| 4 | ଢେଙ୍କାନାଳ | 2.23 | 03-02-2019 | ସମାପ୍ତ ହୋଇଛି | 27 ମାସ | ହସ୍ତାନ୍ତର କରାଯାଇନାହିଁ ଏବଂ କାର୍ଯ୍ୟକ୍ଷମ ନୁହେଁ |
| 5 | ସମ୍ବଲପୁର | 1.84 | 11-09-2019 | ଜମି ବିବାଦକୁ ନେଇ ନିର୍ମାଣ କାର୍ଯ୍ୟ ମଧ୍ୟ ଭାଗରେ ଅଟକି ଗଲା | -- | ସମାପ୍ତି ତାରିଖ 30-12-2021 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି |

[6] କଳିଙ୍ଗ ନଗର, ଗଙ୍ଗନଗର (ଭୁବନେଶ୍ୱର), ଝାରସୁଗୁଡ଼ା, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା, ଢେଙ୍କାନାଳ ଏବଂ ରାୟଗଡ଼ା

[7] ଅବଶିଷ୍ଟ ସାତଟି ଡବ୍ଲୁଡବ୍ଲୁଏଚ୍ କ୍ଷେତ୍ରରେ ଡବ୍ଲୁଡବ୍ଲୁଏଚ୍, ଗଙ୍ଗନଗର ଏବଂ ଇଡ୍‌କୋ କ୍ଷେତ୍ରରେ କାର୍ଯ୍ୟ ବିଭାଗ

| କ୍ରମିକ ସଂଖ୍ୟା | ଡବ୍ଲୁଡବ୍ଲୁଏଚ୍‌ର ଅବସ୍ଥାନ | ଖର୍ଚ୍ଚ (କୋଟି ଟଙ୍କାରେ) | ସମାପ୍ତିର ଧାର୍ଯ୍ୟ ତାରିଖ | ନଭେମ୍ବର 2021 ସୁଦ୍ଧା ସ୍ଥିତି | ସମାପ୍ତିରେ ବିଳମ୍ବ ସମୟ | ଟିପ୍ପଣୀ |
|---|---|---|---|---|---|---|
| 6 | ରାୟଗଡ଼ା | 0 | ଉପଲବ୍ଧ ନୁହେଁ | ଟେଣ୍ଡର ପ୍ରକ୍ରିୟା ଚାଲୁରହିଛି | -- | -- |
| 7 | ବ୍ରହ୍ମପୁର | 0 | ଉପଲବ୍ଧ ନୁହେଁ | ଅଗଷ୍ଟ 2021 ରେ ଜମି ବଣ୍ଟନ, ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ | -- | -- |
| 8 | ଗଙ୍ଗନଗର (ଭୁବନେଶ୍ୱର) | 4.65 | 03-06-2019 | ସମାପ୍ତ ହୋଇଛି 21.06.21 | 24 ମାସ | କାର୍ଯ୍ୟକ୍ଷମ ନୁହେଁ - ଏପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରାଯାଇନାହିଁ |
| | **ମୋଟ** | **19.88** | | | | |

***(ଉତ୍ସ: ପୂର୍ତ୍ତ ବିଭାଗ ଏବଂ ଇଡ୍‌କୋ, ଭୁବନେଶ୍ୱର ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)***

ଉପରୋକ୍ତ ପ୍ରସଙ୍ଗରେ ଅଡିଟ୍ ନିମ୍ନଲିଖିତ ବିଷୟ ଲକ୍ଷ୍ୟ କଲା:

- ପ୍ରଦାନ ହୋଇଥିବା 30.82 କୋଟି ଟଙ୍କା ମଧ୍ୟରୁ କାର୍ଯ୍ୟନିର୍ବାହୀ ସଂସ୍ଥାମାନେ ନଭେମ୍ବର 2021 ସୁଦ୍ଧା କେବଳ 19.88 କୋଟି ଟଙ୍କା (64 ପ୍ରତିଶତ) ବିନିଯୋଗ କରିଥିଲେ । ଆଠଟି ଡବ୍ଲୁଡବ୍ଲୁଏଚ୍ ମଧ୍ୟରୁ କେବଳ ପାଞ୍ଚଟିର ନିର୍ମାଣ କାର୍ଯ୍ୟ ସାତରୁ 27 ମାସ ବିଳମ୍ବରେ ସମାପ୍ତ ହୋଇଥିବା ଅଡିଟ୍ ଲକ୍ଷ୍ୟ କରିଥିଲେ ।

- ସମାପ୍ତ ହୋଇଥିବା ପାଞ୍ଚଟି ଡବ୍ଲୁଡବ୍ଲୁଏଚ୍ ମଧ୍ୟରୁ କେବଳ ଗୋଟିଏ ଡବ୍ଲୁଡବ୍ଲୁଏଚ୍ (ଝାରସୁଗୁଡ଼ା) ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରାଯାଇଥିଲା । କିନ୍ତୁ ନଭେମ୍ବର 2021 ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଅନ୍ୟ ଚାରିଟି ସଂପୂର୍ଣ୍ଣ ହୋଇଥିବା ଡବ୍ଲୁଡବ୍ଲୁଏଚ୍ (ଢେଙ୍କାନାଳ, ରାଉରକେଲା, ଯାଜପୁର ଏବଂ ଗଙ୍ଗନଗର) ସମାପ୍ତ ତାରିଖ ଠାରୁ ପାଞ୍ଚରୁ 24 ମାସ ବିତିଯିବା ପରେ ମଧ୍ୟ ସମ୍ପୃକ୍ତ ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରାଯାଇ ନଥିଲା ।

- ଜାନୁଆରୀ 2019 ରେ କାର୍ଯ୍ୟ ପ୍ରଦାନ କରାଯାଇଥିବା ସମ୍ବଲପୁର ଡବ୍ଲୁଡବ୍ଲୁଏଚ୍ କ୍ଷେତ୍ରରେ ମଧ୍ୟ ନିର୍ଦ୍ଧାରିତ ସମୟ ସୀମା ଅତିକ୍ରମ କରିଥିଲା ଏବଂ ଏପର୍ଯ୍ୟନ୍ତ ତାହା ଅସମ୍ପୂର୍ଣ୍ଣ ରହିଛି । ଏହି ପ୍ରକଳ୍ପର ଧାର୍ଯ୍ୟ ସମାପ୍ତି ତାରିଖ 11 ସେପ୍ଟେମ୍ବର 2019 ରୁ 30 ଡିସେମ୍ବର 2021 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ଜମି ବିବାଦ ଏହି ପ୍ରକଳ୍ପଗୁଡ଼ିକ ସମାପ୍ତ ନହେବାର କାରଣ ଥିଲା ।

- ଅବଶିଷ୍ଟ ଦୁଇଟି ଡବ୍ଲୁଡବ୍ଲୁଏଚ୍ (ରାୟଗଡ଼ା ଏବଂ ବ୍ରହ୍ମପୁର) କ୍ଷେତ୍ରରେ, ମାର୍ଚ୍ଚ 2020 ରେ ଏମ୍‌ଭିଏସ୍‌ଏନ୍ ଦ୍ୱାରା କାର୍ଯ୍ୟନିର୍ବାହୀ ସଂସ୍ଥା (ଇଡ୍‌କୋ) କୁ 4.57 କୋଟି ଟଙ୍କା ପ୍ରଦାନ ହେବା ସତ୍ତ୍ୱେ କାର୍ଯ୍ୟ ଆରମ୍ଭ ହୋଇନଥିଲା (ନଭେମ୍ବର 2021) । ଯେହେତୁ ଏହି ପାଣ୍ଠି ଇଡ୍‌କୋ ନିକଟରେ ବିନିଯୋଗ ନ ହୋଇ ରହିଲା, ନଭେମ୍ବର 2021 ପର୍ଯ୍ୟନ୍ତ ଏଥିରୁ 31.85 ଲକ୍ଷ ଟଙ୍କାର (ବାର୍ଷିକ 4 ପ୍ରତିଶତ ହାରରେ) ସୁଧ ଅର୍ଜନ ହୋଇଥିଲା ଏବଂ ଫଳସ୍ୱରୂପ କାର୍ଯ୍ୟକାରୀ ସଂସ୍ଥା ଅଯଥା ଅନୁକମ୍ପା ଲାଭ କରିଥିଲା । ଅଧିକନ୍ତୁ, କାର୍ଯ୍ୟଗୁଡ଼ିକର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବାକୁ ବିଭାଗ ଦୃଢ଼ ପଦକ୍ଷେପ ନେଇ ନଥିଲା ।

ଉପରୋକ୍ତ ବିଳମ୍ବଜନିତ ମାମଲା ଏବଂ ହଷ୍ଟେଲଗୁଡ଼ିକର କାର୍ଯ୍ୟକ୍ଷମ ନହେବା, ଡବ୍ଲୁଡବ୍ଲୁଏଚ୍ ଯୋଜନା ପ୍ରତି ସରକାରଙ୍କ ଉଦାସୀନ ଆଭିମୁଖ୍ୟକୁ ସୂଚିତ କରୁଥିଲା । ଫଳସ୍ୱରୂପ ଏହି ଯୋଜନାରେ ଉଦ୍ଦିଷ୍ଟ ସୁବିଧାଗୁଡ଼ିକ ହାସଲ କରାଯାଇପାରିନଥିଲା ।

### 3.2.2 ଗଙ୍ଗନଗର ଠାରେ ଡବ୍ଲୁଡବ୍ଲୁଏଚ୍ ନିର୍ମାଣ ପାଇଁ 3.08 କୋଟି ଟଙ୍କାର ଅତିରିକ୍ତ ବୋଝ

ଜିଓଆଇର ଡବ୍ଲୁଡବ୍ଲୁଏଚ୍ ପାଇଁ ଯୋଜନା ମାର୍ଗଦର୍ଶିକା ଅନୁଯାୟୀ, ହଷ୍ଟେଲ୍ ଭବନର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଶେଷ ହେବା ଉଚିତ୍ ଏବଂ ଯେକୌଣସି ପରିସ୍ଥିତିରେ ଏହା ଅନୁଦାନର ପ୍ରଥମ କିସ୍ତି ଗ୍ରହଣ ତାରିଖ ଠାରୁ 24 ମାସ ଅତିକ୍ରମ କରିବ ନାହିଁ, ଯଦି ଜିଓଆଇରେ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରାଳୟ (ଏମ୍‌ଡବ୍ଲୁସିଡି) ଦ୍ୱାରା ସମ୍ପ୍ରସାରଣ ଅନୁମୋଦନ ପ୍ରଦାନ କରାଯାଇ ନାହିଁ ।

ଅଡିଟ୍ ଲକ୍ଷ୍ୟ କଲେ ଯେ ଭୁବନେଶ୍ୱରର ଜାଗମରା ଠାରେ ଆକଳିତ ମୂଲ୍ୟ 4.51 କୋଟି ଟଙ୍କା ବ୍ୟୟରେ 100 ଶଯ୍ୟା ବିଶିଷ୍ଟ ଡବ୍ଲୁଡବ୍ଲୁଏଚ୍ ନିର୍ମାଣ କରିବାକୁ ଡବ୍ଲୁଆଣ୍ଡସିଡି ବିଭାଗ ନିଷ୍ପତ୍ତି ନେଇଥିଲା (ଫେବୃଆରୀ 2014) । ଜାଗମରା ଠାରେ ଜମି ଉପଲବ୍ଧ ନହେବା କାରଣରୁ ପ୍ରସ୍ତାବିତ ସ୍ଥାନଟି 32 ମାସ ବିଳମ୍ବ ପରେ ଗଙ୍ଗନଗରକୁ ସ୍ଥାନାନ୍ତର କରାଯାଇଥିଲା (ଅକ୍ଟୋବର 2016) । ଡବ୍ଲୁଆଣ୍ଡସିଡି ବିଭାଗ 25 ଅକ୍ଟୋବର 2016 ରେ ଏହି ଜମି ଅକ୍ତିଆର କରିଥିଲା । ଇଇ (ଆର୍ ଆଣ୍ଡ ବି) ଡିଭିଜନ-II 2.04 କୋଟି ଟଙ୍କା (6.55 କୋଟି ଟଙ୍କା - 4.51 କୋଟି ଟଙ୍କା) ର ବୃଦ୍ଧି ସହିତ 6.55 କୋଟି ଟଙ୍କାର ସଂଶୋଧିତ ଆକଳନ ପ୍ରସ୍ତୁତ କରିଥିଲା (ନଭେମ୍ବର 2017) ଏବଂ ଏହାକୁ ପ୍ରଶାସନିକ ଅନୁମୋଦନ ପାଇଁ ଡବ୍ଲୁଆଣ୍ଡସିଡି ବିଭାଗ ନିକଟରେ ଦାଖଲ କରିଥିଲେ । କାର୍ଯ୍ୟ ସମ୍ପୂର୍ଣ୍ଣର ନିର୍ଦ୍ଧାରିତ ତାରିଖ 03 ଜୁନ୍ 2019 ସହିତ ବିଭାଗ 5.95 କୋଟି ଟଙ୍କାର ପ୍ରସାଶନିକ ଅନୁମୋଦନ ପ୍ରଦାନ କରିଥିଲେ (ଡିସେମ୍ବର 2017) ।

ଅଡିଟ୍ ଲକ୍ଷ୍ୟ କଲେ ଯେ ନିର୍ମାଣ ସ୍ଥଳରେ ଅସୁବିଧା ହେତୁ ଡବ୍ଲୁଡବ୍ଲୁଏଚ୍ କାର୍ଯ୍ୟ ଠିକ୍ ସମୟରେ ଶେଷ ହୋଇପାରିଲା ନାହିଁ । ସ୍ଥାନାନ୍ତର ଯୋଗ୍ୟ ହୋଇନଥିବା 33 କେଭି ଇଲେକ୍ଟ୍ରିକ୍ କେବୁଲ ପ୍ରସ୍ତାବିତ ଭବନର ଉପର ମହଲା ପାଖାପାଖି ରହିଥିବାରୁ କାର୍ଯ୍ୟ ସ୍ଥଗିତ ରଖିବାକୁ ପଡ଼ିଲା । ଏହା ସୂଚାଉଥିଲା ଯେ ଆକଳନ, ନିର୍ମାଣ ଯୋଜନା ଏବଂ ପ୍ରକଳ୍ପ ସ୍ଥଳ ଚୟନ ପ୍ରସ୍ତୁତି ପୂର୍ବରୁ ସେହି ସ୍ଥାନରେ କୋଠା ନିର୍ମାଣର ସମ୍ଭାବ୍ୟତା, କାର୍ଯ୍ୟନିର୍ବାହୀ ସଂସ୍ଥା ଦ୍ୱାରା ସଠିକ୍ ଭାବରେ ମୂଲ୍ୟାୟନ କରାଯାଇ ନଥିଲା । ଶେଷରେ, ହଷ୍ଟେଲ ସମ୍ପୂର୍ଣ୍ଣ କରିବା ପାଇଁ ଇଇ (ଆର୍‌ଆଣ୍ଡବି)-II 7.59 କୋଟି ଟଙ୍କାର ସଂଶୋଧିତ ଆକଳନ ଦାଖଲ କଲେ (ଜୁଲାଇ 2020) । ଏହିପରି, ନିର୍ମାଣ କାର୍ଯ୍ୟ ପୂର୍ବରୁ ଅନୁପଯୁକ୍ତ ସ୍ଥାନ ସର୍ବେକ୍ଷଣ ହେତୁ ସରକାର ଅତିରିକ୍ତ 3.08 (7.59 କୋଟି ଟଙ୍କା - 4.51 କୋଟି ଟଙ୍କା) କୋଟି ଟଙ୍କା ଖର୍ଚ୍ଚ କରିଥିଲେ । ଅଧିକନ୍ତୁ, ସର୍ବେକ୍ଷଣରେ ଏହିପରି ତ୍ରୁଟି ହେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ଛଅ ବର୍ଷ ବିଳମ୍ବ ହେଲା ।


ଡବ୍ଲୁଡବ୍ଲୁଏଚ୍‌ର ଜେପିଆଇରେ ଏହା ଦେଖାଗଲା ଯେ ହଷ୍ଟେଲଟି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 8 ମାର୍ଚ୍ଚ 2021 ରେ ଉଦ୍‌ଘାଟିତ ହୋଇଥିଲା । ତଥାପି ହଷ୍ଟେଲକୁ କାର୍ଯ୍ୟକ୍ଷମ କରାଯାଇ ନଥିଲା ଏବଂ ଫେବୃଆରୀ 2022 ପର୍ଯ୍ୟନ୍ତ କର୍ମଜୀବୀ ମହିଳାଙ୍କ ଆଡମିଶନ ଆରମ୍ଭ ହୋଇନଥିଲା । ଡବ୍ଲୁଆଣ୍ଡସିଡି ବିଭାଗ କିମ୍ବା ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ (ଡିଏସ୍‌ଡବ୍ଲୁଓ) ଏହି ଡବ୍ଲୁଡବ୍ଲୁଏଚ୍ ଗୁଡ଼ିକର କାର୍ଯ୍ୟକାରିତା ଉପରେ ତୀକ୍ଷ୍ଣ ନଜର ରଖିନଥିଲେ । ଏହା ଦର୍ଶାଯିବା ପରେ ଡବ୍ଲୁଏଣ୍ଡସିଡି ବିଭାଗ ବ୍ୟକ୍ତ କରିଥିଲେ (ସେପ୍ଟେମ୍ବର 2021) ଯେ ଜବାବ ଦାଖଲ ପାଇଁ ସଂପୃକ୍ତ ଆର୍‌ଆଣ୍ଡବି ଡିଭିଜନଠାରୁ ଆବଶ୍ୟକ ତଥ୍ୟ ମଗାଯାଇଛି ।

### 3.2.3 ଡବ୍ଲୁଡବ୍ଲୁଏଚ୍‌ରେ କମ୍ ଦଖଲ ହାର

ଡବ୍ଲୁଡବ୍ଲୁଏଚ୍ ଯୋଜନା ଅଧିନରେ, ସହର, ଛୋଟ ସହର ଏବଂ ଗ୍ରାମାଞ୍ଚଳରେ ଯେଉଁଠାରେ ମହିଳାମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ରହିଛି, ସେଠାରେ କାର୍ଯ୍ୟରତ ମହିଳାମାନଙ୍କୁ ଆବାସିକ ସୁବିଧା ଯୋଗାଇବା ପାଇଁ ମୋଟ 859 ଶଯ୍ୟା କ୍ଷମତା ବିଶିଷ୍ଟ 12 ଟି ହଷ୍ଟେଲ ନିର୍ମାଣ କରାଯାଇଥିଲା । ଅଡିଟ୍ 2016-17 ରୁ 2020-21 ମଧ୍ୟରେ ଏହି 12 ଟି କାର୍ଯ୍ୟକ୍ଷମ ଡବ୍ଲୁଡବ୍ଲୁଏଚ୍ ର ବର୍ଷୱାରୀ ଦଖଲ ହାରକୁ ଯାଞ୍ଚ କରି ନିମ୍ନ ବିଷୟଗୁଡ଼ିକ ଲକ୍ଷ୍ୟ କରିଥିଲେ:

ତିନୋଟି ଡବ୍ଲୁଡବ୍ଲୁଏଚ୍‌ରେ, 2016-21 ମଧ୍ୟରେ ହାରାହାରି ଶତକଡ଼ା ଦଖଲ ହାର 70 ପ୍ରତିଶତରୁ ଅଧିକ ହୋଇଥିବା ବେଳେ ଛଅଟି[8] ଡବ୍ଲୁଡବ୍ଲୁଏଚ୍ ରେ ହାରାହାରି ଦଖଲ ହାର 50 ପ୍ରତିଶତରୁ କମ୍ ରହିଥିଲା । କଟକ ଠାରେ ଉତ୍କଳ ମହିଳା ସମିତି ଦ୍ୱାରା ପରିଚାଳିତ ଗୋଟିଏ ଡବ୍ଲୁଡବ୍ଲୁଏଚ୍ ସମ୍ବନ୍ଧରେ ଦଖଲ ତଥ୍ୟ ଅଡିଟ୍‌କୁ ଉପଲବ୍ଧ କରାଯାଇ ନଥିଲା । 2016-21 ମଧ୍ୟରେ ଡବ୍ଲୁଡବ୍ଲୁଏଚ୍ ଗୁଡ଼ିକରେ ହାରାହାରି ସ୍ଥାନ ଦଖଲ କେବଳ 42.07 ପ୍ରତିଶତ ଥିଲା । ସ୍ୱଳ୍ପ ଦଖଲ ପାଇଁ କମ୍ ଚାହିଦାକୁ ଆଂଶିକ ଭାବରେ ଦାୟୀ କରାଯାଇଥିବା ବେଳେ, ଅନ୍ୟାନ୍ୟ ଉପାଦାନ ମଧ୍ୟ ଏଥିପାଇଁ ଦାୟୀ ରହିଥିଲା । ଅଧିକାଂଶ ଡବ୍ଲୁଡବ୍ଲୁଏଚ୍ ଗୁଡ଼ିକ ଦୀର୍ଘ ସମୟ ପୂର୍ବରୁ ନିର୍ମିତ ହୋଇଥିଲା (1974 ରୁ 2014 ମଧ୍ୟରେ) ଏବଂ ଏହି କୋଠାଗୁଡ଼ିକର ନିୟମିତ ମରାମତି ଏବଂ ରକ୍ଷଣାବେକ୍ଷଣ ଅନୁପସ୍ଥିତିରେ, ଏହି ହଷ୍ଟେଲଗୁଡ଼ିକ ପାଇଁ କମ୍ ଗ୍ରହଣକାରୀ ଥିଲେ । ଅଧିକନ୍ତୁ, ଆଧୁନିକ/ ମୌଳିକ ସୁବିଧାଗୁଡ଼ିକର ଅନୁପସ୍ଥିତି ଏବଂ ସର୍ବସାଧାରଣ ବିଶେଷ କରି ମହିଳାମାନଙ୍କୁ ଏହି ସୁବିଧାଗୁଡ଼ିକର ଉପଲବ୍ଧତା ବିଷୟରେ ସଚେତନ କରାଇବା ପାଇଁ ରାଜ୍ୟ ଦ୍ୱାରା କୌଣସି ବିଜ୍ଞାପନ କିମ୍ବା ସଚେତନତା ଅଭିଯାନ କରାନଯିବା ଦ୍ୱାରା ସଚେତନତାର ଅଭାବ, ଡବ୍ଲୁଡବ୍ଲୁଏଚ୍ ଗୁଡ଼ିକରେ ସ୍ୱଳ୍ପ ଦଖଲର କାରଣ ଥିଲା । ସ୍ୱଳ୍ପ ଦଖଲ ସତ୍ତ୍ୱେ, ଡବ୍ଲୁଆଣ୍ଡସିଡି ବିଭାଗ ନୂତନ ଡବ୍ଲୁଡବ୍ଲୁଏଚ୍ ନିର୍ମାଣ କାର୍ଯ୍ୟ ଜାରି ରଖିଥିଲେ । ଏହି ସମସ୍ୟାର ସମାଧାନ ପାଇଁ ସ୍ୱଳ୍ପ ଦଖଲ ହାରର କାରଣଗୁଡ଼ିକ ଯାଞ୍ଚ କରାଯିବା ଆବଶ୍ୟକ । 2016-17 ରୁ 2020-21 ମଧ୍ୟରେ ଡବ୍ଲୁଡବ୍ଲୁଏଚ୍‌ର ଦଖଲରେ ନିମ୍ନଗାମୀ ଧାରା ନିମ୍ନ ଚାର୍ଟ ଦର୍ଶାଏ:

***ଚାର୍ଟ 3.2: 2016-17 ରୁ 2020-21 ମଧ୍ୟରେ 12 କାର୍ଯ୍ୟକ୍ଷମ ଡବ୍ଲୁଡବ୍ଲୁଏଚ୍‌ରେ ଦଖଲ ଧାରା***




### *3.2.4 ଅନ୍ୟାନ୍ୟ ଉଦ୍ଦେଶ୍ୟରେ ଡବ୍ଲୁଡବ୍ଲୁଏଚ ର ବ୍ୟବହାର*

ଜିଓଆଇ ର ଡବ୍ଲୁଡବ୍ଲୁଏଚ୍ ପାଇଁ ଯୋଜନାର ମାର୍ଗଦର୍ଶିକାର ଧାରା-8 (xv) ଅନୁଯାୟୀ, ଅନୁଦାନ ପ୍ରାପ୍ତ ସଂସ୍ଥା/ ଏଜେନ୍ସି/ ବ୍ୟକ୍ତିଙ୍କର ଦରଖାସ୍ତ ଅନୁମୋଦିତ ହେଲାପରେ ସେମାନେ ଏହି ଯୋଜନା ଅଧିନସ୍ଥ ଅନୁମୋଦିତ ଫର୍ମରେ ଏକ ବଣ୍ଡ ପ୍ରଦାନ କରିବେ ଯେ, ସହାୟତା ଯୋଗାଇ ଦିଆଯାଉଥିବା ହଷ୍ଟେଲଗୁଡିକ ଏମ୍‌ଡବ୍ଲୁସିଡି, ଜିଓଆଇର ଲିଖିତ ଅନୁମତି ବିନା ଡବ୍ଲୁଡବ୍ଲୁଏଚ୍ ବ୍ୟତୀତ ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହୃତ ହେବ ନାହିଁ ।

[8] ବ୍ରହ୍ମପୁର (ଭଞ୍ଜ ବିହାର: 4 ପ୍ରତିଶତ, ଭିଆଇପି କଲୋନୀ: 23 ପ୍ରତିଶତ); କଟକ (କଳା ବିକାଶ: 30 ପ୍ରତିଶତ, ଓଡ଼ିଶା ମହିଳା ସ୍ୱେଚ୍ଛାସେବୀ ସେବା: 34 ପ୍ରତିଶତ); ଢେଙ୍କାନାଳ: 34 ପ୍ରତିଶତ; ବାରିପଦା: 46 ପ୍ରତିଶତ

ଅଡିଟ୍ ଲକ୍ଷ୍ୟ କଲେ ଯେ ପରୀକ୍ଷା ଯାଞ୍ଚ ହୋଇଥିବା ଜିଲ୍ଲାମାନଙ୍କରେ 63 ପ୍ରତିଶତ କାର୍ଯ୍ୟକ୍ଷମ ଡବ୍ଲୁଡବ୍ଲୁଏଚ୍ (19 ଡବ୍ଲୁଡବ୍ଲୁଏଚ୍ ମଧ୍ୟରୁ 12) ରେ ସ୍ୱଳ୍ପ ଦଖଲ ବ୍ୟତୀତ, ରାଜ୍ୟରେ ଆଠଟି ଡବ୍ଲୁଡବ୍ଲୁଏଚ୍, ଏମ୍‌ଡବ୍ଲୁସିଡି ***(ପରିଶିଷ୍ଟ 3.2)*** ଅନୁମତି ବିନା ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲା । ଏଥିମଧ୍ୟରୁ, ଗଜପତି ଠାରେ କେବଳ ଗୋଟିଏ ଡବ୍ଲୁଡବ୍ଲୁଏଚ୍, ଜିଓଓ ଦ୍ୱାରା ନିର୍ମିତ ହୋଇଥିବା ବେଳେ ଅନ୍ୟ ସାତଟି ଜିଓଆଇ ଦ୍ୱାରା ପରିକଳ୍ପନା ଅଧିନରେ ପ୍ରଦାନ କରାଯାଇଥିବା ପାଣ୍ଠିରୁ ନିର୍ମାଣ କରାଯାଇଥିଲା ଯାହା ନିମ୍ନରେ **ସାରଣୀ 3.3** ରେ ଦର୍ଶାଯାଇଛି ।

***ସାରଣୀ 3.3: ମାର୍ଚ୍ଚ 2021 ସୁଦ୍ଧା ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହୃତ ଡବ୍ଲୁଡବ୍ଲୁଏଚ୍***

| ଜିଲ୍ଲା/ (ନିର୍ମାଣ ବର୍ଷ) | ଡବ୍ଲୁଡବ୍ଲୁଏଚ୍ ସଂଖ୍ୟା | ବ୍ୟବହାର ଉଦ୍ଦେଶ୍ୟ | ଶଯ୍ୟା କ୍ଷମତା |
|---|---|---|---|
| ଖୋର୍ଦ୍ଧା (1987-88) | 2 | 1. ମଞ୍ଚେଶ୍ୱର ଡବ୍ଲୁଡବ୍ଲୁଏଚ୍ ରେ ବିଏମ୍‌ସି ୱାର୍ଡ କାର୍ଯ୍ୟାଳୟ<br>2. ଖୋର୍ଦ୍ଧା ଡବ୍ଲୁଡବ୍ଲୁଏଚ୍ ଠାରେ 10 ଟି ସରକାରୀ କାର୍ଯ୍ୟାଳୟ ଚାଲିଥିଲା | 192 |
| କଳାହାଣ୍ଡି (1987-88) | 1 | କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବଳ ମାସିକ 30,000 ଟଙ୍କା ଭଡ଼ା ସହିତ ହଷ୍ଟେଲକୁ ଦଖଲ କରିଥିଲା | 60 |
| କେନ୍ଦୁଝର (1989-90) | 1 | ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ନିୟନ୍ତ୍ରିତ ବଜାର କମିଟି, କେନ୍ଦୁଝରକୁ ଏହି ଜମି ଲିଜ୍ ଦିଆଯାଇଥିଲା | 66 |
| ଗଜପତି (2013-14) | 1 | ଜିଓଆଇର ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠିରୁ ଗଜପତି ଜିଲ୍ଲାପାଳଙ୍କ ଦ୍ୱାରା ଏହି ହଷ୍ଟେଲ ନିର୍ମାଣ କରାଯାଇଥିଲା । ବର୍ତ୍ତମାନ ଏଏନ୍‌ଏମ୍ କେନ୍ଦ୍ର ଭାବରେ କାର୍ଯ୍ୟ କରୁଛି | 100 |
| ଫୁଲବାଣୀ (1989-90) | 1 | ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍, କନ୍ଧମାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲା ମାନବ ସମ୍ବଳ ବିକାଶ କେନ୍ଦ୍ର ଭାବରେ ବ୍ୟବହୃତ ହେଉଛି | 48 |
| ପୁରୀ (1988-89) | 1 | ଡବ୍ଲୁଡବ୍ଲୁଏଚ୍‌କୁ ମାସିକ ଭଡ଼ା ଭିତ୍ତିରେ ମହିଳା ଛାତ୍ରାବାସ ଭାବରେ ବ୍ୟବହାର କରିବାକୁ ଏସ୍‌ସିଏସ୍ କଲେଜ ପୁରୀର ଅଧକ୍ଷଙ୍କୁ ହସ୍ତାନ୍ତର କରାଯାଇଥିଲା | 80 |
| ସମ୍ବଲପୁର (1985-86) | 1 | ହଷ୍ଟେଲ୍ କୋଠାକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ସମ୍ବଲପୁର ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ପାଇଁ ବ୍ୟବହାର କରୁଛନ୍ତି | 57 |
| ମୋଟ | **8** | | **603** |

***(ଉତ୍ସ: ଡିଏସ୍‌ଡବ୍ଲୁଓ/ ଜେପିଆଇ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)***

ଡବ୍ଲୁଡବ୍ଲୁଏଚ୍ ପାଇଁ ଯୋଜନା ଅଧିନରେ ନିର୍ମିତ ସାତଟି ଡବ୍ଲୁଡବ୍ଲୁଏଚ୍ କ୍ଷେତ୍ରରେ, ଡବ୍ଲୁଡବ୍ଲୁଏଚ୍ କୋଠାକୁ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରିବା ପାଇଁ ଏମ୍‌ଡବ୍ଲୁସିଡି ଜିଓଆଇର ଅନୁମୋଦନ ପ୍ରାପ୍ତ ହୋଇନଥିଲା, ଯାହା ଅନିୟମିତ ଥିଲା । ଅନ୍ୟାନ୍ୟ ଉଦ୍ଦେଶ୍ୟରେ ହଷ୍ଟେଲଗୁଡ଼ିକର ବ୍ୟବହାର ବ୍ୟତୀତ, ଏହା ଉଦ୍ଦିଷ୍ଟ ହିତାଧିକାରୀଙ୍କୁ ସୁବିଧା ପାଇବାରୁ ବଞ୍ଚିତ କରିଥିଲା ।

ଏହାର ଉତ୍ତରରେ ଡିଏସ୍‌ଡବ୍ଲୁଓ, କେନ୍ଦୁଝର ବ୍ୟକ୍ତ କଲେ ଯେ ଏକ କାର୍ଯ୍ୟକ୍ଷମ ଡବ୍ଲୁଡବ୍ଲୁଏଚ୍‌ର ରୂପାନ୍ତର ପାଇଁ ସମ୍ପତ୍ତିକୁ ହାତକୁ ନିଆଯିବ । କଳାହାଣ୍ଡି, ସମ୍ବଲପୁର, ଫୁଲବାଣୀ ଏବଂ ପୁରୀର ଡିଏସ୍‌ଡବ୍ଲୁଓ ମାନେ ତଥ୍ୟକୁ ଗ୍ରହଣ କରିଥିବା ବେଳେ କୌଣସି ମନ୍ତବ୍ୟ ଦେଇନଥିଲେ ।

**ଡବ୍ଲୁଡବ୍ଲୁଏଚ୍ ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟରେ ହଷ୍ଟେଲଗୁଡ଼ିକ ବ୍ୟବହାର କରାଯାଉଥିବା ଫଟୋଗ୍ରାଫ୍**




*ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲା କାର୍ଯ୍ୟାଳୟ ଦ୍ୱାରା ବ୍ୟବହୃତ ଖୋର୍ଦ୍ଧା ଠାରେ ଥିବା ଡବ୍ଲୁଡବ୍ଲୁଏଚ୍*




*ମଞ୍ଚେଶ୍ୱରସ୍ଥ ଡବ୍ଲୁଡବ୍ଲୁଏଚ୍ ୱାର୍ଡ ନଂ-10 ଉତ୍ତର ସର୍କଲ ବିଏମ୍‌ସି ଅଫିସ୍ ଭାବରେ ବ୍ୟବହୃତ ହେଉଥିଲା*



*କେନ୍ଦୁଝରରେ ଡବ୍ଲୁଡବ୍ଲୁଏଚ୍ ସ୍ଥଳ ଏକ ଭେଣ୍ଡିଂ ଜୋନରେ ପରିଣତ କରିବା ପାଇଁ ନିଯନ୍ତ୍ରିତ ବଜାର କମିଟିକୁ ଲିଜ୍ ଦିଆଯାଇଥିଲା*



*ପୁରୀର ଡବ୍ଲୁଡବ୍ଲୁଏଚ୍ କୁ କଲେଜର ଛାତ୍ରୀମାନଙ୍କ ବ୍ୟବହାର ପାଇଁ ପୁରୀର ଏସସିଏସ୍ କଲେଜ ଅଧକ୍ଷଙ୍କୁ ହସ୍ତାନ୍ତର କରାଯାଇଥିଲା । ବର୍ତ୍ତମାନ 'ଫନି' ବାତ୍ୟା ପରେ ଏହା କ୍ଷତିଗ୍ରସ୍ତ ହୋଇଛି*

ଆଠଟି ନୂତନ ଡବ୍ଲୁଡବ୍ଲୁଏଚ୍ ନିର୍ମାଣର ନିଷ୍ପତ୍ତି ହଷ୍ଟେଲର ଚାହିଦା ପାଇଁ କୌଣସି ସର୍ବେକ୍ଷଣ ଭିତ୍ତିରେ ନିଆଯାଇନଥିବା ଅଡିଟ୍ ଲକ୍ଷ୍ୟ କରିଥିଲେ ଯେହେତୁ ସେଭଳି କୌଣସି ଦସ୍ତାବିଜ୍ ଡବ୍ଲୁଆଣ୍ଡସିଡି ବିଭାଗ ନିକଟରେ ନଥିଲା । ଏହା ଉଲ୍ଲେଖଯୋଗ୍ୟ ଯେ 2016-21 ଅବଧିରେ 12 ଟି ଡବ୍ଲୁଡବ୍ଲୁଏଚ୍‌ରେ ହାରାହାରି ଦଖଲ ହାର ମାତ୍ର 42.07 ପ୍ରତିଶତ ଥିଲା (***ପରିଶିଷ୍ଟ 3.2.3***) । ଅଧିକନ୍ତୁ, ଚାହିଦା ଅଭାବରୁ ଡବ୍ଲୁଡବ୍ଲୁଏଚ୍‌ଗୁଡ଼ିକ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିଲା ଯାହା ପୂର୍ବରୁ ଆଲୋଚିତ ହୋଇଛି । ଏହିପରି ଭାବରେ, ଡବ୍ଲୁଡବ୍ଲୁଏଚ୍ ଗୁଡ଼ିକର ଚାହିଦା ପାଇଁ ସର୍ବେକ୍ଷଣ ବିନା ନୂତନ ହଷ୍ଟେଲଗୁଡ଼ିକର ନିର୍ମାଣ ହେତୁ ଅପବ୍ୟୟ ହୋଇପାରେ ।

### 3.3 ଡବ୍ଲୁଡବ୍ଲୁଏଚ୍ ନିର୍ମାଣରେ 1.18 କୋଟି ଟଙ୍କାର ଅପବ୍ୟୟ

ଜିଓଆଇର ଡବ୍ଲୁଡବ୍ଲୁଏଚ୍ ପାଇଁ ଯୋଜନା ମାର୍ଗଦର୍ଶିକାର ଧାରା 8 (xvii) ଅନୁଯାୟୀ ଯଦି ଜିଓଆଇ ଦ୍ୱାରା ସମୟ ବୃଦ୍ଧି ଅନୁମୋଦନ କରା ନଯାଏ, ହଷ୍ଟେଲ ବିଲ୍ଡିଂର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଶେଷ ହେବା ଉଚିତ୍ ଏବଂ ଯେକୌଣସି ପରିସ୍ଥିତିରେ ଏହା ଅନୁଦାନର ପ୍ରଥମ କିସ୍ତି ପାଇବା ଦିନ ଠାରୁ 24 ମାସରୁ ଅଧିକ ହେବ ନାହିଁ । ମାର୍ଗଦର୍ଶିକାର ଧାରା 13.1 ଅନୁଯାୟୀ, ଉପରୋକ୍ତ ଯୋଜନା ଅଧିନରେ ନିର୍ମିତ ହଷ୍ଟେଲଗୁଡ଼ିକର କାର୍ଯ୍ୟକାରିତାର ପର୍ଯ୍ୟବେକ୍ଷଣ ପାଇଁ ଜିଲ୍ଲା କର୍ତ୍ତୃପକ୍ଷ ଦାୟୀ ରହନ୍ତି । ଅଧିକନ୍ତୁ, ରାଜ୍ୟ ସରକାରଙ୍କ ସୁପାରିଶ କ୍ରମେ ଜିଓଆଇ ଯୋଜନା ଅଧିନରେ ଆର୍ଥିକ ସହାୟତା ଦିଆଯାଇଥିବା ହଷ୍ଟେଲଗୁଡ଼ିକର ନିର୍ମାଣ ସ୍ଥିତି ସମ୍ପର୍କରେ ଯାଞ୍ଚ କରିବାକୁ ଏମ୍‌ଡବ୍ଲୁସିଡି, ଜିଓଆଇ ମୁଖ୍ୟ ଶାସନ ସଚିବ, ଜିଓଓ ଙ୍କୁ ନିର୍ଦ୍ଦେଶ ଦେଇଥିଲେ (ଅକ୍ଟୋବର 2016 ଏବଂ ଅପ୍ରେଲ 2018) । ଖିଲାପୀ କାର୍ଯ୍ୟକାରୀ ସଂସ୍ଥା ବିରୁଦ୍ଧରେ ଏଫ୍‌ଆଇଆର ଦାୟର କରିବାକୁ ଏବଂ ହଷ୍ଟେଲଗୁଡ଼ିକ ସମ୍ପୂର୍ଣ୍ଣ ହୋଇନଥିବା କ୍ଷେତ୍ରରେ ସରକାରୀ ଅନୁଦାନକୁ ବକେୟା ରାଜସ୍ୱ ଭାବରେ ଆଦାୟ କରିବାକୁ ମଧ୍ୟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

ଓଡ଼ିଶା ସରକାରଙ୍କ ଡବ୍ଲୁଏଣ୍ଡସିଡି ବିଭାଗ ଦ୍ୱାରା ଅଡିଟ୍‌କୁ ଦିଆଯାଇଥିବା ଡବ୍ଲୁଡବ୍ଲୁଏଚ୍ ଗୁଡ଼ିକର ନିର୍ମାଣ ସମ୍ପର୍କିତ ରେକର୍ଡଗୁଡ଼ିକର ଯାଞ୍ଚରୁ ଏହା ଦେଖାଗଲା ଯେ ଏମ୍‌ଡବ୍ଲୁସିଡି 1986-87 ରୁ 2001-02 ମଧ୍ୟରେ

ଛଅଟି ସ୍ଥାନରେ[9] ଡବ୍ଲୁଡବ୍ଲୁଏଚ୍ ନିର୍ମାଣ ପାଇଁ ଛଅଟି ସଂସ୍ଥା ସପକ୍ଷରେ ପାଣ୍ଠି ମଞ୍ଜୁର କରିଥିଲେ (ଯାହା **ସାରଣୀ 3.1** ରେ ମଧ ଅନ୍ତର୍ଭୁକ୍ତ କରାଯାଇଛି) ।

ଏହି ପରିପ୍ରେକ୍ଷୀରେ, ଅଡିଟ୍ ନିମ୍ନ ବିଷୟଗୁଡ଼ିକ ଲକ୍ଷ୍ୟ କରିଥିଲେ:

- ଡବ୍ଲୁଡବ୍ଲୁଏଚ୍, ବଲାଙ୍ଗୀର କ୍ଷେତ୍ରରେ, 3.59 ଲକ୍ଷ ଟଙ୍କାର ପ୍ରାରମ୍ଭିକ ପ୍ରଦାନ ପରେ ଅଧିକ ଅର୍ଥ ପ୍ରଦାନ ନହେବା କାରଣରୁ ପ୍ଲିନ୍ଥ ସ୍ତର ପର୍ଯ୍ୟନ୍ତ ନିର୍ମାଣ ପରେ କାର୍ଯ୍ୟ ବନ୍ଦ ହୋଇଥିଲା । ବଲାଙ୍ଗୀର ପୌରପାଳିକା ସେହି ସ୍ଥାନରେ ଏକ ହଷ୍ଟେଲ ପରିବର୍ତ୍ତେ ଏକ କମ୍ୟୁନିଟି କେନ୍ଦ୍ର (କଲ୍ୟାଣ ମଣ୍ଡପ) ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ (ମାର୍ଚ୍ଚ 2007) । ଏହାପରେ, କଲ୍ୟାଣ ମଣ୍ଡପ ନିର୍ମାଣରେ ଆଉ କୌଣସି ଅଗ୍ରଗତି ହୋଇପାରି ନଥିବା ଜେପିଆଇ ସମୟରେ (ଅକ୍ଟୋବର 2021) ଲକ୍ଷ୍ୟ କରାଯାଇଥିଲା । ଏହିପରି, ଜିଓଆଇ ଏବଂ ଜିଓଓ ପାଣ୍ଠିରୁ ବ୍ୟୟ ହୋଇଥିବା 3.59 ଲକ୍ଷ ଟଙ୍କା ଅପଚୟ ହେବା ବ୍ୟତୀତ ଉଦ୍ଦିଷ୍ଟ ହିତାଧିକାରୀଙ୍କ ଆବଶ୍ୟକତା ପୂରଣ କରାଯାଇ ନଥିଲା ।

- ଜୟପୁରରେ ଡବ୍ଲୁଡବ୍ଲୁଏଚ୍ ପାଇଁ, ଜିଓଆଇ 7.86 ଲକ୍ଷ ଟଙ୍କା ମଞ୍ଜୁର କରିଥିଲା ଏବଂ ହଷ୍ଟେଲର ନିର୍ମାଣ ଦାୟିତ୍ୱ ଜୟପୁର ପୌରପାଳିକା ଉପରେ ନ୍ୟସ୍ତ ଥିଲା । ଜୟପୁର ପୌରପାଳିକା ସମୁଦାୟ 10.58[10] ଲକ୍ଷ ଟଙ୍କା ପାଇଥିଲା, ଯାହା ମଧ୍ୟରୁ 1998-99 ପର୍ଯ୍ୟନ୍ତ 8.21 ଲକ୍ଷ ଟଙ୍କା ବିନିଯୋଗ କରାଯାଇଥିଲା । ପରବର୍ତ୍ତୀ ସମୟରେ ଆଉ କୌଣସି ପାଣ୍ଠି ପ୍ରଦାନ କରାଯାଇ ନଥିଲା । ଉଦ୍ଦିଷ୍ଟ ସ୍ଥାନରେ ନିର୍ମାଣର କୌଣସି ଚିହ୍ନ ନଥିବା ଏବଂ ସେହି ସ୍ଥାନକୁ କୌଣସି ସଂଯୋଗ/ ପ୍ରବେଶ ରାସ୍ତା ନ ଥିବାରୁ ସ୍ଥାନଟି ଅପହଞ୍ଚ ଥିବା ଜେପିଆଇ (ଅକ୍ଟୋବର 2021) ରେ ଲକ୍ଷ୍ୟ କରାଯାଇଥିଲା । ତେଣୁ, ହଷ୍ଟେଲ ବିଲ୍ଡିଂ ନିର୍ମାଣ ପାଇଁ 8.21 ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି କି ନାହିଁ ତାହା ଉପରେ ଅଡିଟ୍ କୌଣସି ନିଶ୍ଚିତତା ପ୍ରଦାନ କରିବାକୁ ଅସମର୍ଥ ।

- କୋରାପୁଟରେ ଡବ୍ଲୁଡବ୍ଲୁଏଚ୍ ନିର୍ମାଣ ପାଇଁ ଜିଓଆଇ 1989-90 ମସିହାରେ 8.13 ଲକ୍ଷ ଟଙ୍କା ମଞ୍ଜୁର କରିଥିଲା ଏବଂ 1.83 ଲକ୍ଷ ଟଙ୍କା ପ୍ରଦାନ କରିଥିଲା, କିନ୍ତୁ (ପ୍ରକଳ୍ପର କାର୍ଯ୍ୟନିର୍ବାହୀ) କୋରାପୁଟ ପୌରପାଳିକା ଅର୍ଥର ଅଭାବ ହେତୁ କାର୍ଯ୍ୟ ଆରମ୍ଭ କରିବାକୁ କୌଣସି ପଦକ୍ଷେପ ନେଇ ନଥିଲା । ପରିଶେଷରେ, ନଭେମ୍ବର 2014 ରେ ଡବ୍ଲୁଆଣ୍ଡସିଡି ବିଭାଗ ପାଣ୍ଠି ଫେରସ୍ତ ପାଇଁ ଉପଯୁକ୍ତ ଆକାଉଣ୍ଟ୍ ହେଡ୍ ବିଷୟରେ ଜଣାଇବା ପାଇଁ ଭାରତ ସରକାରଙ୍କ ଏମ୍‌ଡବ୍ଲୁସିଡିଙ୍କୁ ଅନୁରୋଧ କରିଥିଲେ । କୋରାପୁଟ ପୌରପାଳିକାର ନିର୍ବାହୀ ଅଧିକାରୀ 1.83 ଲକ୍ଷ ଟଙ୍କା ଫେରସ୍ତର ସ୍ଥିତି ବିଷୟରେ ଅଡଟ୍‌କୁ କୌଣସି ସୂଚନା ପ୍ରଦାନ କରି ନଥିଲେ (ଅକ୍ଟୋବର 2021) ।

- କେନ୍ଦ୍ରାପଡ଼ାର ଗୁଆଳସିଂ ଠାରେ ଡବ୍ଲୁଡବ୍ଲୁଏଚ୍ ର ନିର୍ମାଣ ପାଇଁ, ଜିଓଆଇ 1997-98 ମସିହାରେ 27.84 ଲକ୍ଷ ଟଙ୍କା ପ୍ରଦାନ କରିଥିଲା । ଏକ ଏନ୍‌ଜିଓ, ଯଥା: କଟକ ଜିଲ୍ଲା ହରିଜନ ଆଦିବାସୀ ସେବା ସଂସ୍କାର ଯୋଜନା ଏହି ପ୍ରକଳ୍ପର କାର୍ଯ୍ୟକାରୀ ସଂସ୍ଥା (ଆଇଏ) ଥିଲେ । 1997-2000 ଅବଧି ମଧ୍ୟରେ ଆଇଏ ପ୍ରଥମ ମହଲାର ଲିନଟେଲ୍ ସ୍ତର ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ 37.38 ଲକ୍ଷ ଟଙ୍କା[11] ଖର୍ଚ୍ଚ କରିଥିଲା । ଅକ୍ଟୋବର 1999 ରେ ମହାବାତ୍ୟା ସମୟରେ ଆଇଏର 6.66 ଲକ୍ଷ ଟଙ୍କା ମୂଲ୍ୟର ସାମଗ୍ରୀ ନଷ୍ଟ ହୋଇଗଲା । ପରବର୍ତ୍ତୀ ସମୟରେ ହଷ୍ଟେଲ ସମାପ୍ତ ହେବା ପାଇଁ, 80.39 ଲକ୍ଷ ଟଙ୍କାର ଏକ ସଂଶୋଧିତ ଆକଳନ ଆଇଏ, ଡିଏସ୍‌ଡବ୍ଲୁଓ, କେନ୍ଦ୍ରାପଡ଼ା (2003) ଙ୍କ ମାଧ୍ୟମରେ ଏମ୍‌ଡବ୍ଲୁସିଡି, ଜିଓଆଇକୁ ପ୍ରଦାନ କରିବା ସହିତ 43.01 ଲକ୍ଷ ଟଙ୍କାର[12]

---

9 କେନ୍ଦ୍ରାପଡ଼ା, ଜୟପୁର, ପାରାଦୀପ, ଯାଜପୁର ରୋଡ଼, କୋରାପୁଟ ଏବଂ ବଲାଙ୍ଗୀର

10 ଜିଓଆଇ: 7.86 ଲକ୍ଷ ଟଙ୍କା, ଜିଓଆଇ: 1.53 ଲକ୍ଷ ଟଙ୍କା ଏବଂ କାର୍ଯ୍ୟକରୀ ସଂସ୍ଥା 1.19 ଲକ୍ଷ ଟଙ୍କା

11 ଜିଓଆଇ ଠାରୁ 27.84 ଲକ୍ଷ ଟଙ୍କା ଏବଂ ଆଇଏ ର 9.54 ଲକ୍ଷ ଟଙ୍କା

12 80.39 ଲକ୍ଷ ଟଙ୍କା - 37.38 ଲକ୍ଷ ଟଙ୍କା = 43.01 ଲକ୍ଷ ଟଙ୍କା

ଅତିରିକ୍ତ ପାଣ୍ଠି ପ୍ରଦାନ ପାଇଁ ଅନୁରୋଧ କରାଯାଇଥିଲା । ତଥାପି, ଜିଓଆଇ ଦ୍ୱାରା କୌଣସି ଅତିରିକ୍ତ ପାଣ୍ଠି ଯୋଗାଇ ଦିଆଯାଇ ନଥିଲା । ଇତି ମଧ୍ୟରେ, ଆଇଏ, ବିଡିଓ କେନ୍ଦ୍ରାପଡ଼ାଙ୍କ ଜରିଆରେ ଏମ୍‌ପିଏଲ୍‌ଏଡି[13] ପାଣ୍ଠି ଅଧିନରେ 5 ଲକ୍ଷ ଟଙ୍କା ପାଇଥିଲା, ଯାହାର ବିବରଣୀ ଅଡିଟ୍‌କୁ ଉପଲବ୍ଧ କରାଯାଇ ନଥିଲା । ଏହିପରି ଭାବରେ, ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ 43.01 ଲକ୍ଷ ଟଙ୍କାର ଅତିରିକ୍ତ ପାଣ୍ଠି ଯୋଗାଇବାରେ ସରକାରଙ୍କର ଅସମର୍ଥତା ଏବଂ ବିଭାଗ ଦ୍ୱାରା ପର୍ଯ୍ୟାଲୋଚନାର ଅଭାବ ଯୋଗୁଁ ହଷ୍ଟେଲ ସଂପୂର୍ଣ୍ଣ ହୋଇପାରିଲା ନାହିଁ ଏବଂ ନିର୍ମାଣରେ ବ୍ୟୟ ହୋଇଥିବା 37.38 ଲକ୍ଷ ଟଙ୍କା ବ୍ୟର୍ଥ ହେଲା ।

- 1998-99 ମସିହାରେ ଜିଓଆଇ ଯାଜପୁରର ଚୋର୍ଦ୍ଦା ଠାରେ ଡବ୍ଲୁଡବ୍ଲୁଏଚ୍ ନିର୍ମାଣ ପାଇଁ 32.71 ଲକ୍ଷ ଟଙ୍କା ପ୍ରଦାନ କରିଥିଲା । ଜେପିଆଇ ସମୟରେ ଏହା ଲକ୍ଷ୍ୟ କରାଯାଇଥିଲା (ସେପ୍ଟେମ୍ବର 2021) ଯେ କୋଠାଟି ଛାତ ପଡ଼ନ ପର୍ଯ୍ୟନ୍ତ ନିର୍ମିତ ହୋଇଥିଲା ଏବଂ ସମ୍ପୂର୍ଣ୍ଣ ରୂପେ ସମାପ୍ତ ହୋଇନଥିଲା । ହଷ୍ଟେଲ କୋଠାଟି ପରିତ୍ୟକ୍ତ ଅବସ୍ଥାରେ ଥିଲା ଏବଂ କୋଠରୀଗୁଡ଼ିକ ଉଇହୁଙ୍କାରେ ପରିପୂର୍ଣ୍ଣ ଥିଲା । ଏହିପରି, 32.71 ଲକ୍ଷ ଟଙ୍କା ବ୍ୟୟ ସତ୍ତ୍ୱେ ଡବ୍ଲୁଡବ୍ଲୁଏଚ୍‌ର ଉଦ୍ଦେଶ୍ୟ ପୂରଣ ହୋଇପାରିଲା ନାହିଁ ଏବଂ ସମସ୍ତ ଖର୍ଚ୍ଚ ଅପଚୟ ହେଲା ।




*ଯାଜପୁରର ଉଇହୁଙ୍କାରେ ପରିପୂର୍ଣ୍ଣ ଅସମ୍ପୂର୍ଣ୍ଣ କୋଠା*

- ପାରାଦ୍ୱୀପର ଉଦୟବଟ ଡବ୍ଲୁଡବ୍ଲୁଏଚ୍ ନିର୍ମାଣ ପାଇଁ 2001-02 ରେ ଜିଓଆଇ, ଆକଳନ ମୂଲ୍ୟ 35.83 ଲକ୍ଷ ଟଙ୍କା ବିପକ୍ଷରେ 23.85 ଲକ୍ଷ ଟଙ୍କା ପ୍ରଦାନ କରିଥିଲା । ଆଇଏ[14] 36.52 ଲକ୍ଷ ଟଙ୍କା ବିନିଯୋଗରେ ଦ୍ୱିତୀୟ ମହଲା ପର୍ଯ୍ୟନ୍ତ କୋଠା (2001-02 ରେ) ନିର୍ମାଣ କରିଥିଲା । ହଷ୍ଟେଲ ସଂପୂର୍ଣ୍ଣ କରିବା ପାଇଁ ଆଇଏ ଦ୍ୱାରା ଓଡ଼ିଶା ସରକାରଙ୍କ ଡବ୍ଲୁଆଣ୍ଡସିଡି ମାଧ୍ୟମରେ 47.59 ଲକ୍ଷ ଟଙ୍କାର ସଂଶୋଧିତ ଆକଳନ ଏମ୍‌ଡବ୍ଲୁସିଡି, ଜିଓଆଇକୁ 2005-06 ରେ ପ୍ରଦାନ କରାଯାଇଥିଲା, କିନ୍ତୁ କୌଣସି ଅତିରିକ୍ତ ପାଣ୍ଠି ମଞ୍ଜୁର ହୋଇନଥିଲା । ପରବର୍ତ୍ତୀ ସମୟରେ, ଜାନୁଆରୀ 2017 ରେ ଜିଲ୍ଲାପାଳ, ଜଗତସିଂହପୁର କର୍ପୋରେଟ୍ ସାମାଜିକ ଦାୟିତ୍ୱ ଅଧିନରେ କୋଠା ନିର୍ମାଣ କାର୍ଯ୍ୟ ପାଇଁ ଭାରତୀୟ ତୈଳ ନିଗମ ଲିମିଟେଡକୁ 7.5 ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଅନୁରୋଧ କରିଥିଲେ । ଡବ୍ଲୁଡବ୍ଲୁଏଚ୍ ବିଲ୍ଡିଂର ବାକିଥିବା କାର୍ଯ୍ୟ ସମାପ୍ତ କରିବାକୁ ଏହି ରାଶି ବିଡିଓ, କୁଜଙ୍ଗକୁ ପ୍ରଦାନ କରାଯାଇଥିଲା (ମାର୍ଚ୍ଚ 2017) । ପୂର୍ବ କାର୍ଯ୍ୟନିର୍ବାହୀମାନେ ଚୂଡ଼ାନ୍ତ ବିଲ୍ ପାଇନଥିବାରୁ ଏହି କୋଠାକୁ ସେମାନଙ୍କ ଦଖଲରେ ରଖିଥିବା ହେତୁ ସେମାନେ ଏହି କାର୍ଯ୍ୟ କରିବାରେ ଅସମର୍ଥ ଥିବା ବିଡିଓ, ଜଗତସିଂହପୁର ଡିଏସ୍‌ଡବ୍ଲୁଓଙ୍କୁ ସୂଚାଇ ଥିଲେ । ଜେପିଆଇ ସମୟରେ (ସେପ୍ଟେମ୍ବର 2021), ଦେଖାଗଲା ଯେ ହଷ୍ଟେଲ ବିଲ୍ଡିଂର ଦ୍ୱିତୀୟ ମହଲା ପର୍ଯ୍ୟନ୍ତ କେବଳ ଛାତ କାଷ୍ଟିଙ୍ଗ୍ କରାଯାଇଥିଲା । କବାଟ ଏବଂ ଝରକା ଲଗା ହୋଇନଥିଲା ଏବଂ ସମଗ୍ର ବିଲ୍ଡିଂରେ କୌଣସି ଗାଧୁଆ ଘର କିମ୍ବା ଶୌଚାଳୟ ନଥିଲା । ଏହା ମଧ୍ୟ ଲକ୍ଷ୍ୟ କରାଯାଇଥିଲା ଯେ ଆଂଶିକ ଭାବରେ ନିର୍ମାଣ ହୋଇଥିବା ବିଲ୍ଡିଂରେ ଆଇଏ ଦ୍ୱାରା ଏହାର ଜଗାରଖା ପାଇଁ ଦୁଇଟି ପରିବାର ନିୟୋଜିତ ହୋଇଥିଲେ ।

---

13 ସାଂସଦ ସ୍ଥାନୀୟ ଅଞ୍ଚଳ ଉନ୍ନୟନ ପାଣ୍ଠି (ଏମ୍‌ପିଏଲ୍‌ଏଡି ପାଣ୍ଠି)

14 କଟକ ଜିଲ୍ଲା ଆମ୍ବେଦକର ମେମୋରିଆଲ ସଂଗଠନ ହେଉଛି ଏକ ଏନ୍‌ଜିଓ ଏବଂ ଡବ୍ଲୁଡବ୍ଲୁଏଚ୍ ନିର୍ମାଣ ପାଇଁ କାର୍ଯ୍ୟକାରୀ ସଂସ୍ଥା

ତେଣୁ, ଜିଓଆଇ ଦ୍ୱାରା ମଞ୍ଜୁର ହେବାର 20 ରୁ 31 ବର୍ଷ ପରେ ମଧ୍ୟ ଉପରୋକ୍ତ ଛଅଟି ହଷ୍ଟେଲ କୋଠା ସମ୍ପୂର୍ଣ୍ଣ ହୋଇନଥିଲା । ଏହାଫଳରେ 1.18 କୋଟି ଟଙ୍କା ଅପବ୍ୟୟ ହୋଇଥିଲା ।

ଉପରୋକ୍ତ ବିଷୟଗୁଡ଼ିକ ହଷ୍ଟେଲର ଶୀଘ୍ର ନିର୍ମାଣ କିମ୍ବା କାର୍ଯ୍ୟକାରୀ ସଂସ୍ଥାକୁ ଦିଆଯାଇଥିବା ଆର୍ଥିକ ସହାୟତାର ପୁନରୁଦ୍ଧାର ପାଇଁ ପ୍ରତିକାରାତ୍ମକ ପଦକ୍ଷେପ ଗ୍ରହଣ କରିବାରେ ଜିଲ୍ଲା କର୍ତ୍ତୃପକ୍ଷଙ୍କ ପଦକ୍ଷେପ ଗ୍ରହଣରେ ଅଭାବ କିମ୍ବା ବିଳମ୍ବକୁ ସୂଚାଉଥିଲା । ଫଳସ୍ୱରୂପ, ଜିଓଆଇ ପାଣ୍ଠି ପ୍ରଦାନ ହେବାର 20 ରୁ 35 ବର୍ଷ ପରେ ମଧ୍ୟ ହଷ୍ଟେଲଗୁଡ଼ିକ ଅସମ୍ପୂର୍ଣ୍ଣ ରହିଲା । ଫଳସ୍ୱରୂପ, 1.18 କୋଟି ଟଙ୍କା ଅପଚୟ ହେଲା ଏବଂ କାର୍ଯ୍ୟରତ ମହିଳାମାନେ କମ୍ ଖର୍ଚ୍ଚ ଏବଂ ସୁଲଭ ରହଣିରୁ ବଞ୍ଚିତ ହୋଇଥିଲେ ।

## 3.4 ଆବାସର ଗୁଣବତ୍ତା

ଜିଓଆଇର ଡବ୍ଲୁଡବ୍ଲୁଏଚ୍ ପାଇଁ ଯୋଜନାର ମାର୍ଗଦର୍ଶିକା ଅନୁଯାୟୀ, ଅନ୍ତେବାସୀ/ କର୍ମଚାରୀଙ୍କ ସୁବିଧା ପାଇଁ ଏବଂ ଏହି ରହଣି ସୁବିଧା ବ୍ୟବହାର କରୁଥିବା କର୍ମଜୀବୀ ମହିଳାମାନଙ୍କୁ ଗୁଣାତ୍ମକ ଆବାସ ଯୋଗାଇବା ପାଇଁ ହଷ୍ଟେଲରେ ସାଧାରଣ ବ୍ୟବସ୍ଥା ରହିବ । ଏହି ସାଧାରଣ ବ୍ୟବସ୍ଥାଗୁଡ଼ିକରେ ମନୋରଞ୍ଜନ କକ୍ଷ, ଖାଇବା କକ୍ଷ/ ହଲ୍, ରୋଷେଇ ଘର ଏବଂ ଭଣ୍ଡାର ଘର, ଶୌଚାଳୟ ଏବଂ ଗାଧୁଆ ଘର, ଆଧୁନିକ ବ୍ୟବସ୍ଥା ଏବଂ ସୁବିଧା ଅନ୍ତର୍ଭୁକ୍ତ । ପୁନଶ୍ଚ, ଡବ୍ଲୁଡବ୍ଲୁଏଚ୍ ଭିତ୍ତିଭୂମିକୁ ଦିବ୍ୟାଙ୍ଗ ଅନୁକୂଳ କରିବା ପାଇଁ ମାର୍ଗଦର୍ଶିକା ବାଧ୍ୟତାମୂଳକ କରିଥାଏ ।

ଡବ୍ଲୁଡବ୍ଲୁଏଚ୍ର ଜେପିଆଇ ସମୟରେ ଦେଖାଯାଇଥିବା 12 ଟି କାର୍ଯ୍ୟକ୍ଷମ ହଷ୍ଟେଲ୍[15] ଦ୍ୱାରା ପ୍ରଦତ୍ତ ସୂଚନାରୁ ପ୍ରାପ୍ତ ଭିତ୍ତିଭୂମି/ ସୁବିଧାଗୁଡ଼ିକର ତ୍ରୁଟିଗୁଡ଼ିକ ଆଧାରରେ ନିମ୍ନରେ ସଂକ୍ଷେପରେ ଦର୍ଶାଯାଇଛି:

***ସାରଣୀ 3.4: ଡବ୍ଲୁଡବ୍ଲୁଏଚ୍ର ଭିତ୍ତିଭୂମିରେ ଥିବା ତ୍ରୁଟିର ସାରାଂଶ***

| ଅଭାବର ପ୍ରକୃତି | ଡବ୍ଲୁଡବ୍ଲୁଏଚ୍ ର ସଂଖ୍ୟା |
|---|---|
| ହଷ୍ଟେଲରେ ମନୋରଞ୍ଜନ କକ୍ଷର ଅଭାବ | 3 |
| ଡାଇନିଂ ହଲ୍ର ଅଭାବ | 3 |
| ରୋଷେଇ ଘରର ଅଭାବ | 2 |
| ୱାର୍ଡେନଙ୍କ କ୍ୱାର୍ଟର୍ସର ଅଭାବ | 4 |
| ସୀମା ପ୍ରାଚୀରର ଅଭାବ | 1 |
| ଦିବା ଯତ୍ନ କେନ୍ଦ୍ରଗୁଡ଼ିକର ଅଭାବ | 3 |
| ସୁରକ୍ଷା ପାଇଁ ସିସିଟିଭିର ଅଭାବ | 6 |
| ୱାସିଙ୍ଗ୍ ମେସିନ୍ର ଅଭାବ | 12 |
| ଅସୁସ୍ଥଙ୍କ ପାଇଁ କୋଠରୀଗୁଡ଼ିକର ଅଭାବ | 6 |
| ରେଫ୍ରିଜରେଟରର ଅଭାବ | 7 |
| ପାୱାର ବ୍ୟାକ୍ ଅପ୍ ସୁବିଧାର ଅଭାବ | 10 |
| ଦିବ୍ୟାଙ୍ଗ ଅନୁକୂଳ ଭିତ୍ତିଭୂମିର ଅଭାବ | 11 |


***(ଉତ୍ସ: ଡବ୍ଲୁଡବ୍ଲୁଏଚ୍ ଦ୍ୱାରା ଦିଆଯାଇଥିବା ସୂଚନା ଏବଂ କାର୍ଯ୍ୟକ୍ଷମ ଡବ୍ଲୁଡବ୍ଲୁଏଚ୍ର 88 ଅନ୍ତେବାସୀଙ୍କ ଦ୍ୱାରା ଦିଆଯାଇଥିବା ମତାମତ)***

ଜିଓଆଇର ମାର୍ଗଦର୍ଶିକାରେ ବ୍ୟବସ୍ଥା ସତ୍ତ୍ୱେ, ଅଡିଟ୍ ଜାଣିବାକୁ ପାଇଲା ଯେ କେବଳ ଗୋଟିଏ ଡବ୍ଲୁଡବ୍ଲୁଏଚ୍ (ନିବେଦିତା-II, ଭୁବନେଶ୍ୱର) ରେ ଦିବ୍ୟାଙ୍ଗ ଅନୁକୂଳ ଭିତ୍ତିଭୂମି ରହିଥିଲା ଏବଂ ଅବଶିଷ୍ଟ 11 ଟି ହଷ୍ଟେଲ ବିଲ୍ଡିଂରେ ସେପରି ସୁବିଧା ଯଥା-ରାମ୍ପ, ଲିଫ୍ଟ, ଚକଯୁକ୍ତ ଚେୟାର, ଇତ୍ୟାଦି ଉପଲବ୍ଧ ନଥିଲା । ଓଡ଼ିଶା ଏକ ବନ୍ୟା/ ବାତ୍ୟା ପ୍ରବଣ ଅଞ୍ଚଳ ହୋଇଥିବା ସତ୍ତ୍ୱେ ଯାଞ୍ଚ ହୋଇଥିବା 12 ଟି ଡବ୍ଲୁଡବ୍ଲୁଏଚ୍ ମଧ୍ୟରୁ 10 ଟିରେ କୌଣସି ପାୱାର୍ ବ୍ୟାକ୍ ଅପ୍ ସୁବିଧା ଉପଲବ୍ଧ ନଥିଲା ।

[15] 12 ଟି ହଷ୍ଟେଲ ମଧ୍ୟରୁ ଭାରତ ସରକାର ଦ୍ୱାରା ଆର୍ଥିକ ଅନୁଦାନ ପ୍ରାପ୍ତ 11 ଟି ହଷ୍ଟେଲ ଏବଂ ଗୋଟିଏ (ନିବେଦିତା-II, ଭୁବନେଶ୍ୱର) ରାଜ୍ୟ ସରକାର ଦ୍ୱାରା ଆର୍ଥିକ ଅନଦାନ ପ୍ରାପ୍ତ

ଉପରୋକ୍ତ ବିଷୟ ସହିତ ପ୍ରଦାନ କରାଯାଇଥିବା ଗୁଣବତ୍ତା ଜାଣିବା ପାଇଁ, ଅଡିଟ୍ 12 ଡବ୍ଲୁଡବ୍ଲୁଏଚ୍‌ର 88 ଅନ୍ତେବାସୀଙ୍କ ଠାରୁ ମତାମତ ନେଇ ଡବ୍ଲୁଡବ୍ଲୁଏଚ୍‌ରେ ଉପଲବ୍ଧ ସୁବିଧାଗୁଡ଼ିକ ସହିତ ସେମାନଙ୍କର ସନ୍ତୋଷର ସ୍ତର ଆକଳନ କରିଥିଲା । ଏହାର ଫଳାଫଳଗୁଡ଼ିକ ନିମ୍ନ ଚାର୍ଟରେ ପ୍ରତିଫଳିତ ହୋଇଛି:

***ସାରଣୀ 3.3: ସାମଗ୍ରିକ ସନ୍ତୁଷ୍ଟତା ଉପରେ ଅନ୍ତେବାସୀଙ୍କ ପ୍ରତିକ୍ରିୟା (ସଂଖ୍ୟାରେ)***




27 ପ୍ରତିଶତ ଉତ୍ତରଦାତା ଡବ୍ଲୁଡବ୍ଲୁଏଚ୍‌ଗୁଡ଼ିକର ସୁବିଧାକୁ ଖୁବ୍ ଭଲ ବୋଲି କହିଥିବା ବେଳେ 41 ପ୍ରତିଶତ ମହିଳା ଅନୁଭବ କରିଥିଲେ ଯେ ସୁବିଧାଗୁଡ଼ିକ ଗୁଣାତ୍ମକମାନ ହାରାହାରି ଠାରୁ ନିମ୍ନମାନର । ପ୍ରାପ୍ତ ପ୍ରତିକ୍ରିୟା, ଡବ୍ଲୁଡବ୍ଲୁଏଚ୍‌ରେ ପ୍ରଦାନ କରାଯାଉଥିବା ମୌଳିକ ସୁବିଧାଗୁଡ଼ିକର ଉନ୍ନତି ପାଇଁ ବ୍ୟାପକ ସୁଯୋଗ ଉପଲବ୍ଧ ଥିବା ବିଷୟ ଉପରେ ଆଲୋକପାତ କରୁଥିଲା । ପୂର୍ବ ଆଲୋଚନା ଅନୁସାରେ ପ୍ରଦାନ କରାଯାଇଥିବା ସୁବିଧାର ମାନ ଏବଂ ଗୁଣବତ୍ତା ରାଜ୍ୟର ଅନେକ କାର୍ଯ୍ୟକ୍ଷମ କର୍ମଜୀବୀ ନିବାସରେ ଲକ୍ଷ୍ୟ କରାଯାଇଥିବା ସ୍ୱଳ୍ପ ଦଖଲ ହାର ଉପରେ ପ୍ରଭାବ ପକାଇଥାଏ ।

### *3.4.1 ହଷ୍ଟେଲଗୁଡ଼ିକର ପର୍ଯ୍ୟାପ୍ତ ରକ୍ଷଣାବେକ୍ଷଣର ଅଭାବ*

ଜିଓଆଇର ମାର୍ଗଦର୍ଶିକାର ଅନୁଚ୍ଛେଦ 8 (xxix) ଅନୁଯାୟୀ, ବିଲ୍ଡିଂ/ ହଷ୍ଟେଲର ଭଲମନ୍ଦ ସ୍ଥିତି ବିଷୟ ନିଶ୍ଚିତ କରିବାକୁ କାର୍ଯ୍ୟକାରୀ ସଂସ୍ଥା (ଏନ୍‌ଜିଓ/ ପୌରପାଳିକା) ଡବ୍ଲୁଡବ୍ଲୁଏଚ୍‌ଗୁଡ଼ିକର ନିୟମିତ ରକ୍ଷଣାବେକ୍ଷଣ, ମରାମତି, ଇତ୍ୟାଦି କରିବା ଉଚିତ୍ । ହଷ୍ଟେଲର ପରିଚାଳନା କମିଟି ଏହି ଉଦ୍ଦେଶ୍ୟ ପାଇଁ ଯୁକ୍ତିଯୁକ୍ତ ପରିମାଣର ଅର୍ଥ ଆକଳନ କରି ଆଦାୟ କରାଯାଉଥିବା ରାଜସ୍ୱ ଠାରୁ ପୃଥକ ଭାବରେ ରଖିବା ଉଚିତ୍ । ପୁନଶ୍ଚ, ମାର୍ଗଦର୍ଶିକାର ଅନୁଚ୍ଛେଦ 8 (v) ଅନୁଯାୟୀ, ଅନ୍ତେବାସୀଙ୍କଠାରୁ ପ୍ରାପ୍ତ ଭଡ଼ା, ମେସ୍ ଖର୍ଚ୍ଚ ବ୍ୟତୀତ ରକ୍ଷଣାବେକ୍ଷଣ, ଗୃହ ସଂରକ୍ଷଣ, ସୁରକ୍ଷା ସେବା, କାର୍ଯ୍ୟାଳୟ ପ୍ରତିଷ୍ଠା, ଜଳ ଏବଂ ବିଦ୍ୟୁତ୍ ଭଡ଼ା ଏବଂ ଅନ୍ୟାନ୍ୟ ସହାୟକ ସେବା ପାଇଁ ବ୍ୟବହାର କରାଯିବ ।

ଅଡିଟ୍ 13 ଟି ଡବ୍ଲୁଡବ୍ଲୁଏଚ୍ (12 କର୍ଯ୍ୟକ୍ଷମ ଏବଂ ଗୋଟିଏ ଅଣ-କାର୍ଯ୍ୟକ୍ଷମ)ର ମିଳିତ ସରଜମିନ୍ ତଦନ୍ତ କରିଥିଲା ଏବଂ ଡବ୍ଲୁଡବ୍ଲୁଏଚ୍‌ର ପର୍ଯ୍ୟାପ୍ତ ରକ୍ଷଣାବେକ୍ଷଣ ହୋଇନଥିବା ଲକ୍ଷ୍ୟ କରିଥିଲା, ଯାହା ନିମ୍ନରେ ଆଲୋଚନା କରାଯାଇଛି:

- ***ଡବ୍ଲୁଡବ୍ଲୁଏଚ୍, ଓଲଟପୁର (କଟକ ଜିଲ୍ଲା):*** ଓଲଟପୁରର ହଷ୍ଟେଲ ଅନେକ ପୁରୁଣା (1984-85 ରେ ନିର୍ମିତ) ଏବଂ ବିଲ୍ଡିଂରେ ଫାଟ ସୃଷ୍ଟି ହୋଇଥିଲା । ଏହି ଡବ୍ଲୁଡବ୍ଲୁଏଚ୍, 49 ଶଯ୍ୟା ବିଶିଷ୍ଟ

ହୋଇଥିଲେ ମଧ 2016-21 ମଧରେ ହାରାହାରି ଦଖଲ ହାର କେବଳ 77 ପ୍ରତିଶତ ଥିଲା । ଏଥିରେ ଦର୍ଶାଯାଇଥିଲା ଯେ ମରାମତି ତଥା ରକ୍ଷଣାବେକ୍ଷଣ କାର୍ଯ୍ୟ କରିବା ପାଇଁ ସଂଗୃହୀତ ଭଡ଼ା ପର୍ଯ୍ୟାପ୍ତ ନଥିଲା ଏବଂ ଡବ୍ଲୁଡବ୍ଲୁଏଚ୍ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଏନ୍‌ଜିଓର ସମ୍ପାଦକ ବିଲ୍ଡିଂର ନବୀକରଣ ପାଇଁ ଅତିରିକ୍ତ ପାଣ୍ଠି ଚାହିଁଥିଲେ ।



*ଓଲଟପୁର ଡବ୍ଲୁଡବ୍ଲୁଏଚ୍: ଦୁଇଟି ଶଯ୍ୟା ବିଶିଷ୍ଟ କୋଠରୀ ସାଇଡୱାଲ୍ ଭିଜୁଛି ଏବଂ ନବୀକରଣ ଆବଶ୍ୟକ*



*ପ୍ରାଙ୍ଗଣରେ ଲାଗିଥିବା ଜଳ ବିଶୋଧକ । ରୋଷେଇ ଘରର ଝରକା ଭାଙ୍ଗିଯାଇଛି ଏବଂ ତୁରନ୍ତ ମରାମତି ଆବଶ୍ୟକ*

- **ଡବ୍ଲୁଡବ୍ଲୁଏଚ୍, ବାଲେଶ୍ୱର ଜିଲ୍ଲା ନାରୀ ସଂଘ:** ଅଡିଟ୍ ସମୟରେ ଦେଖାଗଲା ଯେ ହଷ୍ଟେଲର କୋଠରୀଗୁଡ଼ିକ ଖରାପ ଅବସ୍ଥାରେ ଥିଲା, ଯେଉଁଥିପାଇଁ କୌଣସି ମହିଳା ହଷ୍ଟେଲରେ ରହିବାକୁ ପସନ୍ଦ କରୁନଥିଲେ । ଡବ୍ଲୁଡବ୍ଲୁଏଚ୍ ପରିଚାଳନା କରୁଥିବା ଏନ୍‌ଜିଓ ସଭାପତିଙ୍କ ଠାରୁ ଜଣାପଡ଼ିଲା ଯେ ସରକାରୀ ଅନୁଦାନ ଅଭାବରୁ କର୍ମଜୀବୀ ମହିଳାଙ୍କ ଚାହିଦା ଅନୁଯାୟୀ ଆଧୁନିକ ସୁବିଧା ହଷ୍ଟେଲରେ ଉପଲବ୍ଧ ନଥିଲା । 1990 ରେ ହଷ୍ଟେଲ ପାଇଁ ଶେଷ ଅନୁଦାନ ମଞ୍ଜୁର କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ପାଣ୍ଠି ଅଭାବ ହେତୁ ଏନ୍‌ଜିଓ, ଅନ୍ତେବାସୀଙ୍କ ପାଇଁ ସୁବିଧାର ଆଧୁନିକୀକରଣ କରିପାରିଲା ନାହିଁ ।



*ଡବ୍ଲୁଡବ୍ଲୁଏଚ୍ ବାଲେଶ୍ୱର: କ୍ଷତିଗ୍ରସ୍ତ ଅବସ୍ଥାରେ ପ୍ରଥମ ମହଲାର କୋଠରୀ*



*ପ୍ରଥମ ମହଲାର ବାହ୍ୟ ଅବସ୍ଥା*



*ଡବ୍ଲୁଡବ୍ଲୁଏଚ୍, ବାଲେଶ୍ୱରର ଡେ କେୟାର ସେଣ୍ଟରର ଛାତ ନଷ୍ଟ ହୋଇଯାଇଛି*

- ***ନିବେଦିତା ଡବ୍ଲୁଡବ୍ଲୁଏଚ୍, ରାଉରକେଲା:*** ଏହି ଡବ୍ଲୁଡବ୍ଲୁଏଚ୍‌ର କ୍ଷମତା 50 ଶଯ୍ୟା ବିଶିଷ୍ଟ ଥିଲା । 2016-21 ଅବଧି ମଧ୍ୟରେ, ବାର୍ଷିକ ହାରାହାରି ଦଖଲ ହାର 33 ରୁ 42 ପ୍ରତିଶତ ଥିଲା । ଏଭଳି କ୍ଷମତା ସତ୍ତ୍ୱେ, ମିଳିତ ସରଜମିନ୍ ତଦନ୍ତ ସମୟରେ ଦେଖାଯାଇଥିଲା ଯେ ଡବ୍ଲୁଡବ୍ଲୁଏଚ୍ ର ପାଞ୍ଚଟି କୋଠରୀ ଏବଂ ଗୋଟିଏ କୋଠରୀର ଛାତ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିଲା । ସେହିଭଳି ଅନ୍ୟ ଏକ କୋଠରୀର ରୋଷେଇ ଘରର ସ୍ଲାବ୍ ମଧ୍ୟ କ୍ଷତିଗ୍ରସ୍ତ ଅବସ୍ଥାରେ ଥିଲା ।



*ନିବେଦିତା ଡବ୍ଲୁଡବ୍ଲୁଏଚ୍, ରାଉରକେଲା: ଏକ କୋଠରୀର କ୍ଷତିଗ୍ରସ୍ତ ଛାତ ସ୍ଲାବ୍*



*କ୍ଷତିଗ୍ରସ୍ତ ରୋଷେଇ ଘର ସ୍ଲାବ୍*

- ***ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ, ଭଞ୍ଜବିହାର, ଡବ୍ଲୁଡବ୍ଲୁଏଚ୍:*** ନଭେମ୍ବର 2000 ରୁ କାର୍ଯ୍ୟ କରୁଥିବା ଭଞ୍ଜବିହାର ଡବ୍ଲୁଡବ୍ଲୁଏଚ୍, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ହେଉଥିଲା । ସମୀକ୍ଷାରୁ ଜଣାଗଲା ଯେ ମରାମତି ଏବଂ ରକ୍ଷଣାବେକ୍ଷଣ ଅଭାବରୁ ବିଲ୍ଡିଂଟି ପରିତ୍ୟକ୍ତ ଅବସ୍ଥାରେ ଥିଲା ।




*ପରିତ୍ୟକ୍ତ ଅବସ୍ଥାରେ ଥିବା ଭଞ୍ଜବିହାର ଡବ୍ଲୁଡବ୍ଲୁଏଚ୍*

ଏହିପରି, ଉପରୋକ୍ତ ମାମଲାଗୁଡ଼ିକରୁ ଦେଖାଗଲା ଯେ, ସଂପୃକ୍ତ ଆଇଏ ମାନଙ୍କ ଦ୍ୱାରା ପର୍ଯ୍ୟାୟକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ ରାଜ୍ୟର ଅଧିକାଂଶ ଡବ୍ଲୁଡବ୍ଲୁଏଚ୍ ଗୁଡ଼ିକ ଠିକ୍ ଭାବରେ ରକ୍ଷଣାବେକ୍ଷଣ କରାଯାଉନାହିଁ, ଯେଉଁମାନେ ପର୍ଯ୍ୟାପ୍ତ ଅର୍ଥର ଅଭାବକୁ ଏହାର କାରଣ ଦର୍ଶାଉଥିଲେ । କୋଠାର ଅସ୍ୱାସ୍ଥ୍ୟକର ଏବଂ ଜୀର୍ଣ୍ଣଶିର୍ଣ୍ଣ ଅବସ୍ଥା ଡବ୍ଲୁଡବ୍ଲୁଏଚ୍ ଗୁଡ଼ିକରେ କମ୍ କ୍ଷମତା ପାଇଁ ଏକ ପ୍ରମୁଖ କାରଣ ହୋଇପାରେ । ଏହି ଡବ୍ଲୁଡବ୍ଲୁଏଚ୍ ଗୁଡ଼ିକର ଅବସ୍ଥା ସରକାରଙ୍କ ଅଭାବନୀୟ ମନୋଭାବକୁ ଦର୍ଶାଏ, ଯେଉଁଥିପାଇଁ ଏଗୁଡ଼ିକ କାର୍ଯ୍ୟରତ ମହିଳାମାନଙ୍କୁ ଏକ ସ୍ୱଚ୍ଛ, ଆଧୁନିକ ଏବଂ ସ୍ୱଚ୍ଛ ରହିବା ସୁବିଧା ଯୋଗାଇବାରେ ଅସମର୍ଥ ହୋଇଥିଲା । ଏଥିସହ ସଂପୃକ୍ତ ଜିଲ୍ଲାର ଡିଏସ୍‌ଡବ୍ଲୁଓ ମାନଙ୍କ ଦ୍ୱାରା ଯାଞ୍ଚ ଏବଂ ପର୍ଯ୍ୟାଲୋଚନାର ଅଭାବ ମଧ୍ୟ ରହିଥିଲା । ଡିଏସ୍‌ଡବ୍ଲୁଓ ମାନେ ଡବ୍ଲୁଡବ୍ଲୁଏଚ୍ ଗୁଡ଼ିକର ପରିଚାଳନାରେ ଅଂଶଗ୍ରହଣ କରିନଥିଲେ, ଯଦିଓ ସେମାନେ ହଷ୍ଟେଲ ପରିଚାଳନା କମିଟିର ଅନ୍ୟତମ ସଦସ୍ୟ ଥିଲେ ।

## 3.5 ଡବ୍ଲୁଡବ୍ଲୁଏଚ୍ ରେ ଯଥେଷ୍ଟ କର୍ମଚାରୀ ଅଭାବ

ଜିଓଆଇ, ଡବ୍ଲୁଡବ୍ଲୁଏଚ୍ ଯୋଜନାର ମାର୍ଗଦର୍ଶିକା ଅନୁଯାୟୀ, ହଷ୍ଟେଲର ପରିଚାଳନା ପାଇଁ ହଷ୍ଟେଲ ୱାର୍ଡେନ୍, ରେଷେୟା, ସୁରକ୍ଷାକର୍ମୀ ଏବଂ ଗୃହରକ୍ଷୀ ଇତ୍ୟାଦି ପର୍ଯ୍ୟାପ୍ତ ମାନବସମ୍ବଳ ହଷ୍ଟେଲ ପରିଚାଳନା କମିଟି

(ଏଚ୍ଏମ୍ସି) ଦ୍ୱାରା ନିୟୋଜିତ ହେବେ । ଆଇଏ ଦ୍ୱାରା ପ୍ରଦତ୍ତ ସୂଚନା ଉପରେ ଆଧାର କରି, ଅଡିଟ୍ ଡବ୍ଲୁଡବ୍ଲୁଏଚ୍ ଗୁଡ଼ିକରେ ପ୍ରମୁଖ କର୍ମଚାରୀଙ୍କ ଅଭାବକୁ ଲକ୍ଷ୍ୟ କଲା ଯାହା ନିମ୍ନ ସାରଣୀରେ ଦର୍ଶାଯାଇଛି:

***ସାରଣୀ 3.5: ମାର୍ଚ୍ଚ 2021 ସୁଦ୍ଧା ଡବ୍ଲୁଡବ୍ଲୁଏଚ୍ ରେ ପର୍ଯ୍ୟାପ୍ତ କର୍ମଚାରୀଙ୍କ ଅଭାବ***

| କ୍ରମିକ ସଂଖ୍ୟା | କର୍ମଚାରୀର ପ୍ରକାର | କର୍ମଚାରୀ ନଥିବା ଡବ୍ଲୁଡବ୍ଲୁଏଚ୍ ସଂଖ୍ୟା | ଡବ୍ଲୁଡବ୍ଲୁଏଚର ନାମ |
|---|---|---|---|
| 1 | ହଷ୍ଟେଲ୍ ୱାର୍ଡେନ୍ | 3 | 1) ତୃପ୍ତି ଘୋଷ, ଡବ୍ଲୁଡବ୍ଲୁଏଚ୍, କଟକ<br>2) ଦିପାଳୀ ଡବ୍ଲୁଡବ୍ଲୁଏଚ୍, ଢେଙ୍କାନାଳ<br>3) ନିବେଦିତା, ଡବ୍ଲୁଡବ୍ଲୁଏଚ୍-1, ଭୁବନେଶ୍ୱର |
| 2 | ରୋଷାୟା | 5 | 1) ତୃପ୍ତି ଘୋଷ ଡବ୍ଲୁଡବ୍ଲୁଏଚ୍, କଟକ<br>2) ଡବ୍ଲୁଡବ୍ଲୁଏଚ୍, ଓଲଟପୁର, କଟକ<br>3) ଡବ୍ଲୁଡବ୍ଲୁଏଚ୍, ଭିଆଇପି କଲୋନୀ, ବ୍ରହ୍ମପୁର<br>4) ନିବେଦିତା, ଡବ୍ଲୁଡବ୍ଲୁଏଚ୍-2, ଭୁବନେଶ୍ୱର<br>5) ନିବେଦିତା ଡବ୍ଲୁଡବ୍ଲୁଏଚ୍, ଉଦିତ୍‌ନଗର, ରାଉରକେଲା |

***(ଉତ୍ସ: ଡବ୍ଲୁଡବ୍ଲୁଏଚ୍ ମାନଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ)***

ଡବ୍ଲୁଆଣ୍ଡସିଡି ବିଭାଗ ଯୋଗାଇ ଦିଆଯାଇଥିବା ଆବାସର ଗୁଣବତ୍ତା ସମୀକ୍ଷା କରିପାରେ ଏବଂ ରହଣି କ୍ଷମତାକୁ ବୃଦ୍ଧି କରିବା ଏବଂ ଅନ୍ତେବାସୀମାନଙ୍କ ପାଇଁ ଉତ୍ତମ ରହଣି ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ଯୋଜନା ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ ସୁବିଧାକୁ ଉନ୍ନତ କରିବା ପାଇଁ ଏକକାଳୀନ ଅନୁଦାନର ସମ୍ଭାବନାକୁ ପରୀକ୍ଷା କରିପାରେ ।

## 3.6 ପର୍ଯ୍ୟାଲୋଚନା

ମାର୍ଚ୍ଚ 2021ରେ ଡବ୍ଲୁଡବ୍ଲୁଏଚ୍ ର କାର୍ଯ୍ୟକାରିତା ପାଇଁ ଓଡ଼ିଶା ରାଜ୍ୟ ସରକାର ମାର୍ଗଦର୍ଶିକା ପ୍ରସ୍ତୁତ କରିଥିଲେ । ସେହି ସମୟ ପର୍ଯ୍ୟନ୍ତ, ରାଜ୍ୟ ସରକାର ଏହି ହଷ୍ଟେଲଗୁଡ଼ିକ ପାଇଁ ଭାରତ ସରକାର ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ଦ୍ୱାରା ପରିଚାଳିତ ହେଉଥିଲେ । ସୁଗମ କାର୍ଯ୍ୟକାରିତା ଓ ଉଦ୍ଦିଷ୍ଟ ହିତାଧିକାରୀଙ୍କୁ ଗୁଣାତ୍ମକ ସେବା ପ୍ରଦାନକୁ ନିଶ୍ଚିତ କରିବା ପାଇଁ ଜିଓଆଇର ଡବ୍ଲୁଡବ୍ଲୁଏଚ୍‌ଗୁଡ଼ିକ ପାଇଁ ଥିବା ମାର୍ଗଦର୍ଶିକାରେ ହଷ୍ଟେଲଗୁଡ଼ିକରେ ନିୟମିତ ପର୍ଯ୍ୟବେକ୍ଷଣ ଓ ପରିଚାଳନା ପ୍ରକ୍ରିୟାର ବ୍ୟବସ୍ଥା କରାଯାଇଛି । ଅଡିଟ୍, ଡବ୍ଲୁଡବ୍ଲୁଏଚ୍‌ଗୁଡ଼ିକର କାର୍ଯ୍ୟକାରିତା ଉପରେ ପର୍ଯ୍ୟବେକ୍ଷଣରେ ନିମ୍ନଲିଖିତ ତ୍ରୁଟିଗୁଡ଼ିକ ଅବଲୋକନ କରିଥିଲେ ।

- ***ହଷ୍ଟେଲ ପରିଚାଳନା କମିଟି (ଏଚ୍ଏମ୍ସି) ବୈଠକର ଅଭାବ :*** ଜିଓଆଇର ଡବ୍ଲୁଡବ୍ଲୁଏଚ୍ ପାଇଁ ଯୋଜନା ମାର୍ଗଦର୍ଶିକାର ଧାରା 13.1 ଅନୁଯାୟୀ, ଏଚ୍ଏମ୍ସି ଆବାସ ଅଧୀକ୍ଷକ, ଜିଲ୍ଲା ପ୍ରଶାସନିକ ଅଧିକାରୀ/ ଡିଏସ୍‌ଡବ୍ଲୁଓ, ପ୍ରୋବେସନ୍ ଅଫିସର, ସୁରକ୍ଷା ଅଧିକାରୀ/ ସଂପୃକ୍ତ ଅଞ୍ଚଳର ପୁନର୍ବାସ ଅଧିକାରୀ, ଦୁଇଜଣ ବରିଷ୍ଠ ବାସିନ୍ଦା ଏବଂ ସଂପୃକ୍ତ ଅଞ୍ଚଳର ବିଶିଷ୍ଟ ସଂଗଠନର ବିଶିଷ୍ଟ ସାମାଜିକ କର୍ମୀ/ ପ୍ରତିନିଧିମାନଙ୍କୁ ନେଇ ଗଠିତ ହେବ । ଏଚ୍ଏମ୍ସିର ବୈଠକ 15 ଦିନରୁ 40 ଦିନ ମଧ୍ୟରେ ଥରେ କିମ୍ବା କୌଣସି ସମସ୍ୟା ଉପୁଜିଥିବା ସ୍ଥଳେ ତୁରନ୍ତ ସମାଧାନ ପାଇଁ ଅନୁଷ୍ଠିତ ହେବ ।

  12ଟି ଡବ୍ଲୁଡବ୍ଲୁଏଚ୍ ରେ ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ 2016-21 ମଧ୍ୟରେ ଆବଶ୍ୟକ 1,440 ଟି ବୈଠକ[16] ମଧ୍ୟରୁ, ଏହି ହଷ୍ଟେଲଗୁଡ଼ିକରେ କେବଳ 305 ଟି ବୈଠକ କରାଯାଇଥିଲା । ଏହା ମଧ୍ୟ ଦେଖାଯାଇଥିଲା ଯେ ଚାରିଟି ହଷ୍ଟେଲରେ[17] ଗତ ପାଞ୍ଚ ବର୍ଷ ମଧ୍ୟରେ ଏପରି କୌଣସି

---

[16] ମାସକୁ ଦୁଇଟି ବୈଠକ

[17] ଖୋର୍ଦ୍ଧା ଠାରେ ଦୁଇଟି ଡବ୍ଲୁଡବ୍ଲୁଏଚ୍, ଗଞ୍ଜାମ ଜିଲ୍ଲାର ଗୋଟିଏ ଡବ୍ଲୁଡବ୍ଲୁଏଚ୍ ଏବଂ ସୁନ୍ଦରଗଡ଼ ଜିଲ୍ଲାର ଗୋଟିଏ ଡବ୍ଲୁଡବ୍ଲୁଏଚ୍

ବୈଠକ କରାଯାଇ ନଥିଲା । ନିୟମିତ ବୈଠକ ନ ହେବା, ଡବ୍ଲୁଡବ୍ଲୁଏଚ୍‌ର ଦକ୍ଷ, ସୁଗମ କାର୍ଯ୍ୟକାରିତା ବ୍ୟତୀତ ପୂର୍ବ ଅନୁଚ୍ଛେଦରେ ଆଲୋଚନା ହୋଇଥିବା ସୁବିଧା ଏବଂ ଭିତ୍ତିଭୂମିର ଗୁଣବତ୍ତାକୁ ପ୍ରଭାବିତ କରିଥିଲା । ଅଧିକନ୍ତୁ, ହଷ୍ଟେଲ ପରିଚାଳନା କମିଟି ନିୟମିତ ଭାବରେ ଡକାଯାଉ ନଥିବାରୁ, ଅନ୍ତେବାସୀଙ୍କ ଅଭିଯୋଗକୁ ଠିକ୍ ସମୟରେ ସମାଧାନ କରାଯାଉ ନଥିଲା । ପୁନଶ୍ଚ, ହଷ୍ଟେଲ ପରିଚାଳନା କମିଟିଗୁଡ଼ିକ ମଧ୍ୟ ସେମାନଙ୍କର ସୁପାରିଶ ଏବଂ ତ୍ରୟମାସିକ ରିପୋର୍ଟ ଜିଲ୍ଲା ପ୍ରଶାସନ/ ଡିଏସ୍‌ଡିଓଙ୍କ ନିକଟକୁ ପଠାଉ ନଥିଲେ ଯେଉଁଥିପାଇଁ ଜିଲ୍ଲା କର୍ତ୍ତୃପକ୍ଷଙ୍କ ଦ୍ୱାରା ପର୍ଯ୍ୟାଲୋଚନାର ସ୍ୱଳ୍ପତା ଅଧିକତର ହୋଇଥିଲା ।

- ***ଡିଏସ୍‌ଡିଓଙ୍କ ଦ୍ୱାରା ଡବ୍ଲୁଡବ୍ଲୁଏଚ୍ ଗୁଡ଼ିକର ଯାଞ୍ଚ ନହେବା:*** ଜିଓଆଇର ଡବ୍ଲୁଡବ୍ଲୁଏଚ୍ ପାଇଁ ଯୋଜନା ମାର୍ଗଦର୍ଶିକା ଧାରା 8(xxviii) ଅନୁଯାୟୀ, ଆବଶ୍ୟକ ସ୍ଥଳେ ହଷ୍ଟେଲ ପରିସରର ଯାଞ୍ଚ ଜିଲ୍ଲା ପ୍ରଶାସନ ଦ୍ୱାରା କରାଯିବା ଆବଶ୍ୟକ । ତେବେ, ଅଡିଟ୍‌କୁ ଉପଲବ୍ଧ କରାଯାଇଥିବା ତଥ୍ୟ ଅନୁଯାୟୀ, 2016-17 ରୁ 2020-21 ମଧ୍ୟରେ 12 ଟି କାର୍ଯ୍ୟକ୍ଷମ ଡବ୍ଲୁଡବ୍ଲୁଏଚ୍ ରେ ଡିଏସ୍‌ଡିଓ କୌଣସି ଯାଞ୍ଚ କରିନଥିଲେ । ଡବ୍ଲୁଡବ୍ଲୁଏଚ୍ ଗୁଡ଼ିକର ଯାଞ୍ଚ ନହେବା ଦ୍ୱାରା ଡିଏସ୍‌ଡିଓ ମାନେ ସେଗୁଡ଼ିକର କାର୍ଯ୍ୟକଳାପ ଏବଂ ପରିଚାଳନାରେ ଥିବା ଅଭାବ ସହିତ ସେଗୁଡ଼ିକର ବର୍ତ୍ତମାନର ସ୍ଥିତି ବିଷୟରେ ଅବଗତ ନଥିଲେ ।

- ***ଭାରତ ସରକାରକୁ ରିପୋର୍ଟ ଦାଖଲ ନକରିବା:*** ଭାରତ ସରକାରର ଡବ୍ଲୁଡବ୍ଲୁଏଚ୍ ପାଇଁ ଯୋଜନା ମାର୍ଗଦର୍ଶିକାର ଧାରା 13.1 ଅନୁଯାୟୀ, ଏହି ଯୋଜନା ଅନ୍ତର୍ଗତ ହଷ୍ଟେଲଗୁଡ଼ିକର କାର୍ଯ୍ୟକାରିତା ଉପରେ ନିୟମିତ ପର୍ଯ୍ୟାଲୋଚନା ଜିଲ୍ଲା ପ୍ରଶାସନର ଦାୟିତ୍ୱ ଅଟେ । ଏହି ଯୋଜନାରେ ଧାର୍ଯ୍ୟ କରାଯାଇଥିବା ଯୋଜନାର କାର୍ଯ୍ୟକାରିତା ସମ୍ପର୍କିତ ଷଣ୍ମାସିକ ରିପୋର୍ଟ ଜିଲ୍ଲା ପ୍ରଶାସନ ଦ୍ୱାରା ରାଜ୍ୟ ସରକାରଙ୍କ ନିକଟକୁ ଏହାର ନକଲ ସହିତ ଏମ୍‌ଡବ୍ଲୁସିଡି, ଜିଓଆଇକୁ ପଠାଯିବ । କିନ୍ତୁ, ଉପଲବ୍ଧ ସୂଚନା ଆଧାରରେ ଅଡିଟ୍ ଲକ୍ଷ୍ୟ କଲେ ଯେ, ଏହି ଯୋଜନା କାର୍ଯ୍ୟକାରୀତା ଉପରେ ସମୀକ୍ଷା ଅବଧି ମଧ୍ୟରେ ସାତଟି ଡିଏସ୍‌ଡିଓଙ୍କ ଦ୍ୱାରା 12 ଟି ନମୁନା ଡବ୍ଲୁଡବ୍ଲୁଏଚ୍ ବିଷୟରେ ସରକାରଙ୍କ ନିକଟରେ କୌଣସି ଷଣ୍ମାସିକ ରିପୋର୍ଟ ଦାଖଲ କରାଯାଇ ନଥିଲା । ଅଧିକନ୍ତୁ, ଏହି ଯୋଜନାର କାର୍ଯ୍ୟକାରିତା ପ୍ରତି ସେମାନଙ୍କ ଉଦାସୀନତା ଉପରେ ଆଲୋକପାତ କରି ଡବ୍ଲୁଡବ୍ଲୁଏଚ୍‌ଗୁଡ଼ିକ ଦ୍ୱାରା ଏହି ରିଟର୍ଣ୍ଣଗୁଡ଼ିକ ଦାଖଲ ନକରିବା ବିଷୟରେ ଭାରତ ସରକାର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା ।

- ***ହଷ୍ଟେଲ ପରିଚାଳନା କମିଟି ଦ୍ୱାରା ତ୍ରୟମାସିକ ରିପୋର୍ଟ ଦାଖଲ ନକରିବା :*** ଭାରତ ସରକାରର ଡବ୍ଲୁଡବ୍ଲୁଏଚ୍ ପାଇଁ ଯୋଜନାର ମାର୍ଗଦର୍ଶିକାର ଧାରା 13 ରେ ଦର୍ଶାଯାଇଛି ଯେ ଏଚ୍‌ଏମ୍‌ସି, ହଷ୍ଟେଲଗୁଡ଼ିକର ଦୈନନ୍ଦିନ କାର୍ଯ୍ୟ ଉପରେ ନଜର ରଖିବ, ଯିଏକି ଏହାର ସୁପାରିଶ ଏବଂ ତ୍ରୟମାସିକ ରିପୋର୍ଟ ଜିଲ୍ଲା ପ୍ରଶାସନକୁ ପଠାଇବ । ଜିଲ୍ଲା ପ୍ରଶାସନ/ ଡିଏସ୍‌ଡିଓର ଅଧିକାରୀମାନେ ମଧ୍ୟ ଏଚ୍‌ଏମ୍‌ସିର ସଦସ୍ୟ[18] ରହିବେ । ଏହି ପରିପ୍ରେକ୍ଷୀରେ ସମୀକ୍ଷା ଯାଞ୍ଚରୁ ଜଣାଗଲା ଯେ କୌଣସି ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ/ ଜିଲ୍ଲା ପ୍ରଶାସନ ଡବ୍ଲୁଡବ୍ଲୁଏଚ୍ ରେ କୌଣସି ଏଚ୍‌ଏମ୍‌ସିର ସଦସ୍ୟ ନଥିଲେ ଯାହା ସେମାନଙ୍କର ନିକୃଷ୍ଟ ପର୍ଯ୍ୟାଲୋଚନା ଓ ଏହି ହଷ୍ଟେଲଗୁଡ଼ିକର କାର୍ଯ୍ୟକାରିତାକୁ ଦର୍ଶାଉଛି ।

---

[18] ଅନ୍ୟ ସଦସ୍ୟମାନେ ହେଉଛନ୍ତି ଆବାସ ଅଧୀକ୍ଷକ, ପ୍ରୋବେସନ୍ ଅଫିସର, ଅଞ୍ଚଳର ସୁରକ୍ଷା ଅଧିକାରୀ/ ପୁନର୍ବାସ ଅଧିକାରୀ ଏବଂ ଦୁଇଜଣ ବରିଷ୍ଠ ବାସିନ୍ଦା

## 3.7 ଉପସଂହାର ଏବଂ ସୁପାରିଶ

### *3.7.1 ଉପସଂହାର*

ମାର୍ଚ୍ଚ 2021, ସୁଦ୍ଧା ଓଡ଼ିଶାରେ ମୋଟ 859 ଶଯ୍ୟା କ୍ଷମତା ବିଶିଷ୍ଟ 12 ଟି କାର୍ଯ୍ୟକ୍ଷମ ଡବ୍ଲୁଡବ୍ଲୁଏଚ୍ ରହିଥିଲା ଯାହା ସମୁଦାୟ ଶଯ୍ୟା କ୍ଷମତା 2,622 ର 33 ପ୍ରତିଶତ । ଏହା ବ୍ୟତୀତ ଆଠଟି ଡବ୍ଲୁଡବ୍ଲୁଏଚ୍ (22 ପ୍ରତିଶତ) କାର୍ଯ୍ୟରତ ମହିଳାଙ୍କ ଉଦ୍ଦେଶ୍ୟରେ ବ୍ୟବହାର ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇଥିବା ଜଣାପଡ଼ିଥିଲା । 2016-21 ମଧ୍ୟରେ ଡବ୍ଲୁଡବ୍ଲୁଏଚ୍ ଗୁଡ଼ିକରେ ହାରାହାରି ଦଖଲ ହାର କେବଳ 42.07 ପ୍ରତିଶତ ଥିଲା । କମ୍ ଦଖଲ ହାରର କାରଣ ଥିଲା ହଷ୍ଟେଲ ବିଲ୍ଡିଂର ରକ୍ଷଣାବେକ୍ଷଣ ନହେବା, ଭିତ୍ତିଭୂମି ଅଭାବ ତଥା ସେବା କର୍ମଚାରୀଙ୍କ ଅଭାବ । ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି/ ସୁବିଧା ଯଥା-ସୀମା ପାଚେରୀ, ଡାଇନିଂ ହଲ୍, ୱାସିଂ ମେସିନ୍, ରେଫ୍ରିଜରେଟର, ପାୱାର ବ୍ୟାକ୍ଅପ୍, ଦିବ୍ୟାଙ୍ଗ ଅନୁକୂଳ ସୁବିଧାଗୁଡ଼ିକ ପରୀକ୍ଷା ଯାଞ୍ଚ ଏକ ରୁ 12 ଟି ଡବ୍ଲୁଡବ୍ଲୁଏଚ୍‌ରେ ଅନୁପସ୍ଥିତ ଥିଲା । ଏହା ବ୍ୟତୀତ ତିନିରୁ ପାଞ୍ଚ ଡବ୍ଲୁଡବ୍ଲୁଏଚ୍‌ରେ ଅତ୍ୟାବଶ୍ୟକ ସେବା କର୍ମଚାରୀମାନେ ନଥିଲେ । 1986-87 ରୁ 2001-02 ମଧ୍ୟରେ ନିର୍ମାଣ ପାଇଁ ନିଆଯାଇଥିବା ଛଅଟି ଡବ୍ଲୁଡବ୍ଲୁଏଚ୍‌ର କାର୍ଯ୍ୟ ମାର୍ଚ୍ଚ 2021 ସୁଦ୍ଧା ଶେଷ ହୋଇନଥିଲା ଏବଂ ପୁନର୍ବାର କାର୍ଯ୍ୟ ଆରମ୍ଭ ହେବାର କୌଣସି ସମ୍ଭାବନା ନଥିଲା । ଏହିପରି, ନିର୍ମାଣ ପାଇଁ ଖର୍ଚ୍ଚ ହୋଇଥିବା 1.18 କୋଟି ଟଙ୍କା ଅପଚୟ ହୋଇଥିଲା । ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା ପାଇଁ ତ୍ରୁଟିଗୁଡ଼ିକର ଆକଳନ କରିବାକୁ ବିଭାଗ ତଥା ଜିଲ୍ଲା କର୍ତ୍ତୃପକ୍ଷଙ୍କ ଦ୍ୱାରା ଡବ୍ଲୁଡବ୍ଲୁଏଚ୍ ଗୁଡ଼ିକର ଯାଞ୍ଚ ଏବଂ ପର୍ଯ୍ୟାଲୋଚନା ପର୍ଯ୍ୟାପ୍ତ ନଥିବା ଜଣାପଡ଼ିଥିଲା ।

### *3.7.2 ସୁପାରିଶ*

ସରକାର ବିଚାର କରିପାରନ୍ତି:

- ଡବ୍ଲୁଡବ୍ଲୁଏଚ୍ ଗୁଡ଼ିକର ନିୟମିତ ମରାମତି ଏବଂ ରକ୍ଷଣାବେକ୍ଷଣ କରିବା ଏବଂ କେବଳ ହଷ୍ଟେଲ କ୍ଷମତାର ସର୍ବୋଚ୍ଚ ଉପଯୋଗ ପାଇଁ ନୁହେଁ ବରଂ କାର୍ଯ୍ୟରତ ମହିଳାମାନଙ୍କ ପାଇଁ ଗୁଣାତ୍ମକ ଆବାସ ସୁନିଶ୍ଚିତ କରିବା ପାଇଁ ମୌଳିକ ସୁବିଧା ଯୋଗାଇବା ।
- ବିଶେଷ କରି ବିଦ୍ୟମାନ ନିମ୍ନ ଦଖଲ ହାରକୁ ଦୃଷ୍ଟିରେ ରଖି ନୂତନ ଡବ୍ଲୁଡବ୍ଲୁଏଚ୍ ଗୁଡ଼ିକର ନିର୍ମାଣର ଆବଶ୍ୟକତାକୁ ଯାଞ୍ଚ କରିବା ।
- ଭାରତ ସରକାର ଦ୍ୱାରା ଆର୍ଥିକ ଅନୁଦାନ ପ୍ରାପ୍ତ ଡବ୍ଲୁଡବ୍ଲୁଏଚ୍ ଯାହା ଦୀର୍ଘ ସମୟ ଧରି ଅସମ୍ପୂର୍ଣ୍ଣ ରହିଆସିଛି, ସେଗୁଡ଼ିକର ନିର୍ମାଣ କାର୍ଯ୍ୟ ସମାପ୍ତ କରିବାକୁ ପଦକ୍ଷେପ ନିଅନ୍ତୁ ଏବଂ ସରକାରୀ ଅନୁଦାନ ପାଇବା ସତ୍ତ୍ୱେ, ଡବ୍ଲୁଡବ୍ଲୁଏଚ୍ ନିର୍ମାଣ କରିବାରେ ବିଫଳ ହୋଇଥିବା ଏଜେନ୍ସିଗୁଡ଼ିକ ବିରୁଦ୍ଧରେ ଦଣ୍ଡବିଧାନ ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ ।
- ଡବ୍ଲୁଡବ୍ଲୁଏଚ୍ ଗୁଡ଼ିକରେ ପର୍ଯ୍ୟାପ୍ତ କର୍ମଚାରୀ ଏବଂ ଡବ୍ଲୁଡବ୍ଲୁଏଚ୍ ଗୁଡ଼ିକର ସଠିକ ରକ୍ଷଣାବେକ୍ଷଣ ଏବଂ ପରିଚାଳନା ପାଇଁ ନିୟମିତ ପର୍ଯ୍ୟାଲୋଚନା ନିଶ୍ଚିତ କରନ୍ତୁ ।